# ୧୦ ବର୍ଷ ବିତିଲାଣି, ହସ୍ତାନ୍ତର ହେଉନି ସରକାରୀ କ୍ୱାର୍ଟର୍ସ

■ ରକ୍ଷଣାବେକ୍ଷଣ ଅଭାବରୁ ଭୂତକୋଠି ପାଲଟିଛି
■ କବାଟ, ଝରକା ଚୋରି କରିନେଲେଣି ଦୁର୍ବୃତ୍ତ

ନବରଙ୍ଗପୁର ,୨୯।୧୨( ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ସଦର ମହକୁମା କୃଷି ବିଭାଗ କାର୍ଯ୍ୟାଳୟ ପଛ ପଟେ ପ୍ରାୟ ୧୦ ବର୍ଷ ତଳେ ୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ବାଣିଜ୍ୟକର ବିଭାଗର କ୍ୱାର୍ଟର୍ସ ହସ୍ତାନ୍ତର ନ ହୋଇ ଅବହେଳିତ ଅବସ୍ଥାରେ ପଡ଼ି ରହିଛି। କୋଠା ବ୍ୟବହାର ଏବଂ ଏହାର ରକ୍ଷଣାବେକ୍ଷଣ ହେଉ ନ ଥିବାରୁ ଏହାର ଚାରିପଟେ ବଣ ସୃଷ୍ଟି ହୋଇଗଲାଣି। କୋଠାର କବାଟ, ଝରକା ଓ ଅନ୍ୟାନ୍ୟ ସରଞ୍ଜାମ, ଏପରିକି କାନ୍ଥ ଭାଙ୍ଗି ଇଟା ବି ଚୋରି ହୋଇଗଲାଣି। ତଥାପି ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି।

ମିଳିଥିବା ସୂଚନା ଅନୁଯାୟୀ, ୨୦୧୪ରେ କୃଷି ବିଭାଗ କାର୍ଯ୍ୟାଳୟର ପଛ ପଟେ ଥିବା ଜାଗାରେ ବାଣିଜ୍ୟକର ବିଭାଗର କ୍ୱାର୍ଟର୍ସ ନିର୍ମାଣ ପାଇଁ ପାଚେରି ନିର୍ମାଣ ସହ ୨ ମହଲା ବିଶିଷ୍ଟ ୨ଟି ଇ-ଟାଇପ ସରକାରୀ କ୍ୱାର୍ଟର୍ସ ଓ ଗୋଟିଏ ସି-ଟାଇପ କ୍ୱାର୍ଟର୍ସ ନିର୍ମାଣ କରାଯାଇଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ୨୦୧୩-୧୪ ମସିହାରେ ଏହି କ୍ୱାର୍ଟର୍ସ ଓ ପାଚେରି ନିର୍ମାଣ କରିବା ପାଇଁ ୨ଟି ଟେଣ୍ଡର ହୋଇ କାମ ହୋଇଥିଲା। ୪ଟି ଇ-ଟାଇପ କ୍ୱାର୍ଟର୍ସ ଏବଂ ପାଚେରି ନିର୍ମାଣ ପାଇଁ ୪୮,୧୫,୦୦୦ ବ୍ୟୟରେ ଗୋଟିଏ ଟେଣ୍ଡର ହୋଇଥିବା ବେଳେ ଅନ୍ୟଟି ୪ଟି ଇ-କ୍ୱାର୍ଟର୍ସ ଓ ଗୋଟିଏ ସି-ଟାଇପ କ୍ୱାର୍ଟର୍ସ ପାଇଁ ୫୦,୭୫,୦୦୦ ବ୍ୟୟରେ ଟେଣ୍ଡର ହୋଇଥିଲା। ଏହାପରେ ଚୁକ୍ତି ଅନୁଯାୟୀ ସମସ୍ତ କାମ ସରିଥିଲା। ପ୍ରତି ୨ ମହଲା କୋଠାରେ ୪ଟି କ୍ୱାର୍ଟର୍ସ ଲେଖାଏଁ ୮ଟି କ୍ୱାର୍ଟର୍ସ ଓ ଗୋଟିଏ ସି-ଟାଇପ କ୍ୱାର୍ଟର୍ସ ନିର୍ମାଣ ହେବା ସହ ପ୍ରତି ରୁମ୍‌ରେ କବାଟ, ଝରକା ଲାଗିବା ସହ କାନ୍ଥରେ ଚୂନ ମରାଯାଇଥିଲା। ରୋଷେଇ ଘର ଓ ଗାଧୁଆଘର କାମ ସରିଥିବା ସହ ପାଇପ ଫିଟିଂ ବି ହୋଇସାରିଥିଲା। ଘରର କାମ ପ୍ରାୟ ୯୫ ପ୍ରତିଶତ କାମ ସରିଥିଲା। ଚଟାଣରେ କେବଳ ଟାଇଲ ଓ ବିଦ୍ୟୁତ ସଂଯୋଗ ପାଇଁ ବାକି ରହିଥିଲା। ତା' ପରଠାରୁ ଏହି ସରକାରୀ କ୍ୱାର୍ଟର୍ସର କାମ ଏତିକିରେ ଅଟକି ରହିଛି। ନା ଏହି କୋଠା କାମରେ ଲାଗିଛି ନା ଏହି କୋଠାର ରକ୍ଷଣାବେକ୍ଷଣ କରାଯାଉଛି। ଜନବସତି ବାହାରେ ନିର୍ମାଣ ହୋଇଥିବା ଏହି କୋଠା ବ୍ୟବହାରରେ ନ ଆସିବାରୁ ଏହି କୋଠାରୁ ସମସ୍ତ କବାଟ, ଲୁହା ଝରକା, ଦ୍ୱାରବନ୍ଧ, ଗାଧୁଆ ଘରର ପାଇପ, ରୋଷେଇ ଘରର ସମସ୍ତ ସରଞ୍ଜାମ ଆଦି ଚୋରି ହୋଇଗଲାଣି। କେବଳ ଏତିକି ନୁହେଁ କାନ୍ଥ ଭାଙ୍ଗି ଇଟା ବି ଚୋରି କରି ନେବା ଆରମ୍ଭ ହେଲାଣି। ଏବେ ଏହି କୋଠା ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏ ନେଇ ବାଣିଜ୍ୟକର ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ବିଭାଗୀୟ କାର୍ଯ୍ୟାଳୟ ପକ୍ଷରୁ ଗତ ୨୦୧୭ ମସିହାଠାରୁ ଏବେ ପର୍ଯ୍ୟନ୍ତ ଏହି କୋଠାକୁ ସମ୍ପୂର୍ଣ୍ଣ ଓ ହସ୍ତାନ୍ତର ପାଇଁ ବାରମ୍ବାର ପୂର୍ତ୍ତ ବିଭାଗ ଓ ଜିଲାପାଳଙ୍କ ନିକଟକୁ ଚିଠି ହୋଇଛି। ତଥାପି କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ପୁଣି ଥରେ ପୂର୍ତ୍ତ ବିଭାଗ ଓ ଜିଲାପାଳଙ୍କ ସହ ଆଲୋଚନା କରାଯିବ ବୋଲି କହିଛନ୍ତି। ତେବେ ଏହି କୋଠାର କାର୍ଯ୍ୟକ୍ଷମ କିମ୍ବା ହସ୍ତାନ୍ତର ନେଇ କାହା ପାଖରେ ଖବର ନାହିଁ। ଜିଲା ସଦର ମହକୁମାରେ ବିଭିନ୍ନ ବିଭାଗ ପକ୍ଷରୁ କର୍ମଚାରୀଙ୍କ ପାଇଁ ପର୍ଯ୍ୟାପ୍ତ କ୍ୱାର୍ଟର୍ସ ନ ଥିବା ବେଳେ କର୍ମଚାରୀମାନେ ଭଡାଘରେ ରହୁଛନ୍ତି। ଏପରି ଅବସ୍ଥାରେ ୧ କୋଟି ଟଙ୍କାର ସରକାରୀ କୋଠା ଖତ ଖାଉଛି ବୋଲି ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ କରିବା ସହ ତୁରନ୍ତ ଏହି କୋଠାକୁ କାର୍ଯ୍ୟକ୍ଷମ କରିବା ପାଇଁ ସାଧାରଣରେ ଦାବି ହେଉଛି।



# ଭାମିନି ସ୍କୁଲର ୩ ଛାତ୍ର ମନୋନୀତ

**ଜାତୀୟସ୍ତର ହକି ପ୍ରତିଯୋଗିତା**

ନବରଙ୍ଗପୁର/ଉମରକୋଟ, ୨୯।୧୨ (ସଦାଶିବ ପ୍ରହରାଜ/ ସନ୍ତୋଷ ଶତପଥୀ)

ଜାତୀୟସ୍ତରରେ ହକି ଖେଳିବା ପାଇଁ ଓଡ଼ିଶା ଦଳରେ ନବରଙ୍ଗପୁର ଜିଲାର ଉମରକୋଟ ବ୍ଲକ ଅନ୍ତର୍ଗତ ଭାମିନିଠାରେ ଥିବା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନରତ ୩ ଜଣ ଛାତ୍ର ମନୋନୀତ ହୋଇଛନ୍ତି। ଆସନ୍ତା ୨ରୁ ୭ ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ରାଜଧାନୀ ଭୋପାଳଠାରେ ଅନୁଷ୍ଠିତ ହେବାକୁ ଥିବା ୬୮ ତମ ଜାତୀୟ ସ୍କୁଲ କ୍ରୀଡ଼ା ପ୍ରତିଯୋଗିତାରେ ୧୪ ବର୍ଷରୁ କମ ବୟସର ବାଳକ ବିଭାଗରେ ରାଜ୍ୟ ପାଇଁ ହକି ଖେଳରେ ଅଂଶ ଗ୍ରହଣ କରିବେ। ଏହି ୩ ଛାତ୍ର ହେଲେ ଅଷ୍ଟମ ଶ୍ରେଣୀର ଛାତ୍ର ହଳଦର ସାନ୍ତା, ସମୀର ସାନ୍ତା ଓ ସପ୍ତମ ଶ୍ରେଣୀର ଛାତ୍ର ଜିତେନ୍ଦ୍ର ଭତ୍ରା। ହଳଧର ଡିଫେନ୍ସ ଖେଳୁଥିବା ବେଳେ ସମୀର ଓଫେନ୍ସ ଓ ଜିତେନ୍ଦ୍ର ଗୋଲକିପର ଭାବେ ଖେଳିବେ। ରାଜ୍ୟ ମାଧ୍ୟମିକ ଶିକ୍ଷାର ନିର୍ଦ୍ଦେଶକଙ୍କ ପତ୍ର ସଂଖ୍ୟା ୩୬୯୪୧ ତା୨୪/୧୨/୨୪ରିଖ ଅନୁସାରେ ନବରଙ୍ଗପୁର ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରିଛନ୍ତି। ଏହି ୩ ଖେଳାଳିଙ୍କୁ ୨୬ ତାରିଖରେ ସୁନ୍ଦରଗଡ଼ଠାରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଓଡ଼ିଶାର ହକି ଟିମ୍ ୨୬ ରୁ ୨୯ ପର୍ଯ୍ୟନ୍ତ ଟାଉନ ସରକାରୀ ଉଚ୍ଚ ବିଦ୍ୟାଳୟ ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ହେବାକୁ ଥିବା କୋଚିଂ କ୍ୟାମ୍ପରେ ଯୋଗଦାନ କରିଛନ୍ତି। ଓଡ଼ିଶା ହକି ଦଳ ୩୦ରେ ସୁନ୍ଦରଗଡ଼ଠାରୁ ଭୋପାଳ ଅଭିମୁଖେ ଯାତ୍ରା କରିବେ। ସ୍କୁଲର କ୍ରୀଡ଼ା ଶିକ୍ଷକ କିଶୋର ସିଲ ଉକ୍ତ ୩ ଛାତ୍ରଙ୍କୁ ତାଲିମ ଦେଉଥିଲେ। ତେବେ ଭାମିନି ସ୍କୁଲର ୩ ଛାତ୍ର ୧୪ ବର୍ଷ ହକି ପ୍ରତିଯୋଗିତାରେ ଓଡ଼ିଶା ଦଳ ପାଇଁ ଖେଳିବା ଅବିଭକ୍ତ କୋରାପୁଟ ଜିଲାର ପ୍ରଥମ ଘଟଣା ବୋଲି କ୍ରୀଡ଼ା ଶିକ୍ଷକ କିଶୋର ସିଲ କହିଛନ୍ତି। ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ଓ ଜିଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା ଓ କ୍ରୀଡ଼ା ଶିକ୍ଷକ କିଶୋର ସିଲଙ୍କ ମାଗଦର୍ଶନରେ ଭାମିନୀ ସ୍କୁଲକୁ ଏହି ସଫଳତା ମିଳିପାରିଛି ବୋଲି ସ୍କୁଲ କର୍ତ୍ତୃପକ୍ଷ କହିଛନ୍ତି।



ଜାତୀୟସ୍ତର ହକି ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିବା ୩ ଛାତ୍ର।

## ସଂକ୍ଷେପରେ

### ଚୋରି ମାମଲାରେ ଜଣେ ଗିରଫ

ଜୟପୁର,୨୯।୧୨(ପବନ ପାଣିଗ୍ରାହୀ)

ଚୋରି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଜୟପୁର ସଦର ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ବୈପାରିଗୁଡା ଥାନା ଅନ୍ତର୍ଗତ ବେରଗାନ ଗ୍ରାମର ସୁଦେଇ ବାରିକ(୩୫)। ମାଛକୁଣ୍ଡ କାଞ୍ଚନା ଗ୍ରାମର ରାମ ମାଣ୍ଡି ଗତ ଜୁନ ୧୫ରେ ୩ ଯୋଡି ଗାଈ ୯୯ ହଜାର ଟଙ୍କାରେ କ୍ରୟ କରିଥିଲେ। ଗାଈ ଯୋଡ଼ିକୁ ଚଲାଇ ଆଣୁଥିବା ବେଳେ ରାତି ହୋଇଯିବାରୁ ପାତ୍ରପୁଟ ନିକଟ ଏକ ଗଛରେ ବାନ୍ଧି ବିଶ୍ରାମ ନେଇଥିଲେ। ସେତେବେଳେ କେତେକ ଅଜଣା ଦୁର୍ବୃତ୍ତ ମୁହଁକୁ ଘୋଡାଇ ଖଣ୍ଡା ଦେଖାଇ ୩ ଯୋଡି ଗାଈକୁ ଧରି ଚମ୍ପଟ ମାରିଥିଲେ ବୋଲି ଜୁନ ୨୧ରେ ସେ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୨ ଯୋଡା ଗାଈକୁ ଜବତ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ସଦର ଥାନା ଅଧିକାରୀ ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

### ସୋଲାର ପ୍ୟାନେଲ ତାର ଚୋରି

ଦାମନଯୋଡି,୨୯।୧୨ (ମାନସ ରଞ୍ଜନ କର)

କୋରାପୁଟ ଜିଲା ଦାମନଯୋଡି ଥାନା ଅନ୍ତର୍ଗତ ମାଥାଲପୁଟ ଶନିମନ୍ଦିର ନିକଟରେ ଥିବା ନଳକୂପର ସୋଲାର ପ୍ୟାନେଲରୁ ତମ୍ବା ତାର ଶନିବାର ଚୋରି ହୋଇଛି। ମାଟି ତଳେ ତାର ପୋତି ପ୍ୟାନେଲରୁ ନଳକୂପ ମଟରକୁ ସଂଯୋଗ ହୋଇଥିବା ବେଳେ ଦୁର୍ବୃତ୍ତମାନେ ମାଟି ଖୋଳି ତାର ଚୋରି କରି ନେଇଛନ୍ତି। କିଛି ମାସ ପୂର୍ବେ ଏହି ନଳକୂପରୁ ତାର ଚୋରି ହୋଇଥିଲା। ତେବେ ସ୍ଥାନୀୟ ସରପଞ୍ଚଙ୍କ ଉଦ୍ୟମ ପରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ପୁଣିଥରେ ସୋଲାର ପ୍ୟାନେଲକୁ ତାର ସଂଯୋଗ କରାଯାଇଥିଲା। ପୁଣି ତାର ଚୋରି ହୋଇଯିବାରୁ ଜଳ ସମସ୍ୟା ଦେଖାଦେଇଛି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ପୋଲିସ ପକ୍ଷରୁ ରାତ୍ରି ପାଟ୍ରୋଲିଂ କଡାକଡି କରିବାକୁ ଦାବି ହୋଇଛି।

# ଭଙ୍ଗା ଚେକ୍‌ଡ୍ୟାମରୁ ଗଳୁଛି ପାଣି, ଚିନ୍ତାରେ ଚାଷୀ

ପାପଡାହାଣ୍ଡି, ୨୯।୧୨ (ସ୍ୱପ୍ନଜିତ ପଟ୍ଟନାୟକ)

ଚେକ୍‌ଡ୍ୟାମ୍ ପାଣି ଚାଷୀଙ୍କ କ୍ଷେତକୁ ମାଡି ଭଲ ଫସଲ ଅମଳ ହେଉଥିଲା। ଏଥିସହ ଦୈନନ୍ଦିନ ଲୋକଙ୍କ ଗାଧୋଇବା ସହ ଶୌଚ କାମ ପାଇଁ ଲୋକେ ଏହି ଚେକ୍‌ଡ୍ୟାମ୍ ଉପରେ ନିର୍ଭର କରୁଥିଲେ। ସ୍ଥାନୀୟ ଲୋକେ ମାଛ ଧରି ଜୀବିକା ନିର୍ବାହ କରୁଥିଲେ। ହେଲେ ବର୍ତ୍ତମାନ ଚେକଡ୍ୟାମ ଭାଙ୍ଗିଯାଇ ପାଣି ନିଷ୍କାସିତ ହେଉଥିବାରୁ ଚିନ୍ତାରେ ତିନି ଖଣ୍ଡ ଗ୍ରାମବାସୀ। ଏପରି ଘଟଣା ଦେଖିବାକୁ ମିଳିଛି ପାପଡାହାଣ୍ଡି ବ୍ଲକ ଡେଙ୍ଗାଗୁଡା ପଞ୍ଚାୟତ ମହୁଲପଦର ନାଳରେ ଥିବା ଭଙ୍ଗା ଚେକଡ୍ୟାମରେ।

ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ୨୦ ବର୍ଷ ତଳେ ମହୁଲପଦର ନାଳରେ ଏକ ଚେକଡ୍ୟାମ ନିର୍ମାଣ ହୋଇଥିଲା। ପ୍ରାୟ ୭ ଏକର ଜମିରେ ପାଣି ଗଚ୍ଛିତ ହୋଇ ଏଠାରେ ରହୁଥିଲା। ଉକ୍ତ ପାଣିରେ ଅଞ୍ଚଳର ୪୦ ଏକର ଜମିରେ ଧାନ, ମକା ଓ ପନିପରିବା ଚାଷ ହେଉଥିଲା। ମହୁଲପଦର, ଜାଲିଗୁଡ଼ା ଓ ବିରିଗୁଡା ଅଞ୍ଚଳର ଲୋକେ ଗାଧୋଇବା ସହ ଶୌଚ ଆଦିରେ ପାଣିକୁ ବ୍ୟବହାର କରୁଥିଲେ। ଉକ୍ତ ଚେକଡ୍ୟାମ ଲୋକଙ୍କ ଜୀବନ ଜୀବିକା ହୋଇଥିଲା। କାଳକ୍ରମେ ଅଧିକ ବର୍ଷ ଯୋଗୁ ଏବଂ ମରାମତି ଅଭାବରୁ ଚେକଡ୍ୟାମ ଦୁର୍ବଳ ହୋଇ ଭାଙ୍ଗି ଗଲାଣି। ଫଳରେ ସେଥିରୁ ପାଣି ଅଯଥାରେ ନିଷ୍କାସିତ ହେବାରେ ଲାଗିଛି। ସ୍ଥାନୀୟ ଚାଷୀ ମାଟି ହିଡ଼ ଦେଇ ଭଙ୍ଗା ଚେକ୍‌ଡ୍ୟାମର ପାଣି ରଖିବା ବାରମ୍ବାର ଚେଷ୍ଟା କରି ବିଫଳ ହେଉଥିବା କହିଛନ୍ତି। ଚେକଡ୍ୟାମରେ ପାଣି ଶୁଖିଯାଉଥିବାରୁ ଲୋକେ ଚିନ୍ତାରେ ପଡ଼ି ଯାଇଛନ୍ତି। ଆଗକୁ ଗ୍ରୀଷ୍ମ ଦିନ ଆସୁଥିବା ବେଳେ ପାଣି ପାଇଁ ଗୋରୁ ଓ ଲୋକଙ୍କ ନିତ୍ୟ ବ୍ୟବହାର୍ଯ୍ୟ ଲାଗି ପାଣି ନିଅଣ୍ଟ ହେବ। ତେଣୁ ସେଠାରେ ନୂତନ ଚେକଡ୍ୟାମ ନିର୍ମାଣ ଲାଗି ଗ୍ରାମର ଚନ୍ଦ୍ରଶେଖର ଭତରା, ଚକ୍ରଧର ପୂଜାରୀ, କ୍ଷମା ଭତରା, ପଦମ ଭତରା, ଉମ୍ବରୁଧର ବିଶୋଇ, ଶଙ୍କର ଦାସ ମାଝୀ, ଚନ୍ଦ୍ର ଭତରା, ଶୁକ ରାମ ଭତରା, କମଳଲୋଚନ ଭତରା ପ୍ରମୁଖ ଦାବି କରିଛନ୍ତି। ନଚେତ ଚାଷ ବାସ ନ ହେବା ଯୋଗୁ ଅଞ୍ଚଳବାସୀ ଦାଦନ ମୁହାଁ ହେବା ସୁନିଶ୍ଚିତ ବୋଲି କହିଛନ୍ତି।


ଭଙ୍ଗା ଚେକଡ୍ୟାମରୁ ପାଣି ନିଷ୍କାସନ ହୋଇ ବାହାରିଯାଉଛି।

# କାଗଜକଳ ଠିକା ଶ୍ରମିକଙ୍କ ବିକ୍ଷୋଭ

ଜୟପୁର,୨୯।୧୨(ପବନ ପାଣିଗ୍ରାହୀ)

ଜୟପୁର କାଗଜକଳ ଠିକା ଶ୍ରମିକମାନେ ବିକ୍ଷୋଭ କରିଛନ୍ତି। କାରଖାନା କଞ୍ଚାମାଲ ଅଭାବରୁ ଜୁଲାଇ ମାସରୁ ବନ୍ଦ ଥିବା ବେଳେ ଏଠାରେ କାମ କରୁଥିବା ପ୍ରାୟ ୭୦୦ରୁ ଊର୍ଦ୍ଧ୍ୱ ଠିକା ଶ୍ରମିକଙ୍କୁ ୬ ମାସ ହେଲା ଦରମା ମିଳିନାହିଁ। କାରଖାନା ଖୋଲିବା ନେଇ ମ୍ୟାନେଜମେଣ୍ଟ କୌଣସି ଉତ୍ତର ଦେଉନାହିଁ। ୟୁନିଟ୍ ହେଡ୍ ଛୁଟିରେ ରହିଥିବା ବେଳେ ଠିକା ଶ୍ରମିକମାନେ ଏଚ୍‌ଆର୍ ହେଡ୍‌କୁ ଘେରାଉ କରି ଦରମା ମାଗିଛନ୍ତି। ଠିକା ଶ୍ରମିକଙ୍କର ପିଏଫ୍, ଇଏସ୍‌ଆଇ ବ୍ୟବସ୍ଥା ନାହିଁ। ସ୍ଥାୟୀ ଶ୍ରମିକଙ୍କୁ ମଧ୍ୟ ୭ ମାସ ହେଲା ଦରମା ମିଳିନାହିଁ। ଅଚଳାବସ୍ଥାରୁ କାରଖାନାକୁ ଉଦ୍ଧାର କରିବା ପାଇଁ ରାଜ୍ୟ ସରକାର ହସ୍ତକ୍ଷେପ କରିବା ପାଇଁ ପ୍ରଥମ ଶ୍ରମିକ ସଂଘର ସଭାପତି ପ୍ରମୋଦ କୁମାର ମହାନ୍ତି ସରକାରଙ୍କ ନିକଟରେ ଦାବି କରିଛନ୍ତି। ବିଧାନସଭାର ବଜେଟ ଅଧିବେଶନ ପୂର୍ବରୁ ଆନ୍ଦୋଳନ ଜୋରଦାର ପାଇଁ ପ୍ରସ୍ତୁତ ହେବାକୁ ସବୁ ଶ୍ରମିକ ଓ ସଂଘ ସମୂହଙ୍କୁ ଆହ୍ୱାନ ଦିଆଯାଇଛି।

# ବ୍ଲକ୍‌ସ୍ତରୀୟ କୃଷକ ସାଥୀ ସଂଘ ବୈଠକ

କୁନ୍ଦୁରା,୨୯।୧୨(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଦର ମହକୁମାରେ ବ୍ଲକ୍‌ସ୍ତରୀୟ କୃଷକ ସାଥୀ ସଂଘ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କୃଷକ ସାଥୀ ସଂଘ କୁନ୍ଦୁରା ବ୍ଲକ୍‌ର ସମସ୍ତ ୧୬ ପଞ୍ଚାୟତର ଅଧୀନରେ କାର୍ଯ୍ୟରତ ୩୨ ଜଣ କୃଷକ ସାଥୀଙ୍କୁ ନେଇ ସଭା ହୋଇଥିଲା। ଏଥିରେ ସଂଘର ସଭାପତି ଅନ୍ତର୍ଯ୍ୟାମୀ ବିଷୋୟୀଙ୍କ ସଭାପତିତ୍ୱରେ ସମ୍ପାଦକ ମନୋଜ କୁମାର ପଣ୍ଡା, କୋଷାଧ୍ୟକ୍ଷ ସନ୍ତୋଷଙ୍କ ସହ ବ୍ଲକର ସମସ୍ତ କୃଷକ ସାଥୀ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସରକାରଙ୍କ ନିକଟରେ ସର୍ବନିମ୍ନ ୧୩,୫୦୦ ମାସିକ ପାରିଶ୍ରମିକ ପ୍ରଦାନ, କର୍ମ କ୍ଷେତ୍ରରେ ଦୁର୍ଘଟଣା କିମ୍ବା ଅପ୍ରାକୃତିକ ମୃତ୍ୟୁ ପାଇଁ ଅତିକମ୍‌ରେ ୧୦ଲକ୍ଷ ଟଙ୍କାର ବୀମାରାଶି, ଅନ୍ୟ ସରକାରୀ କର୍ମଚାରୀଙ୍କ ଭଳି ସମାନ ସରକାରୀ ମାନ୍ୟତା, କୃଷକ ସାଥୀମାନଙ୍କୁ ଚାକିରିରେ ବରିଷ୍ଠତା ଭିତ୍ତିରେ ନିୟମିତ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ସରକାରଙ୍କୁ ଅବଗତ କରାଇବାକୁ ଆଲୋଚନା ହୋଇଥିଲା। ସରକାର କୃଷକ ସାଥୀମାନଙ୍କୁ ବର୍ତ୍ତମାନ ସୁଦ୍ଧା କେବଳ ମାସିକ ୧ ହଜାର ଟଙ୍କା ଭତ୍ତା ଦେଉଛନ୍ତି ବୋଲି ସଭାପତି କହିଛନ୍ତି। ଏହି ପାରିଶ୍ରମିକ ବଦଳରେ ସେମାନେ ନିଜ ପଞ୍ଚାୟତରେ ଚାଷୀମାନଙ୍କୁ ଫସଲର ରୋଗପୋକ ପରିଚାଳନା, ମାଟି ନମୁନା ସଂଗ୍ରହ, କାଳିଆ ଯୋଜନାରେ, ବଳରାମ ଯୋଜନା ଓ ଧାନ ଫସଲର ପରବର୍ତ୍ତୀ ଜମି ପରିଚଳନା ଆଦି ଯୋଜନାରେ କାମ କରାଉଥିବା ବେଳେ ପାରିଶ୍ରମିକ ବାବଦକୁ ଦେଉଥିବା ପ୍ରାପ୍ୟ କମ୍ ହେଉଛି। ଏହି ପ୍ରକ୍ରିୟାକୁ ବଦଳାଇ କୃଷକ ସାଥିମାନଙ୍କ ଭବିଷ୍ୟତ ନେଇ ସରକାରଙ୍କ ନିକଟରେ ଦାବି ଜଣାଇବାକୁ ବୈଠକରେ ନିଷ୍ପତ୍ତି ହୋଇଛି।


ମାଲକାନଗିରି ଜିଲା ଦଣ୍ଡକାରଣ୍ୟ ଖେଳପଡିଆରେ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୫୩ତମ ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବ ଅବସରରେ ରବିବାର ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ। (ଫଟୋ: ଦୁର୍ଯ୍ୟୋଧନ ପାତ୍ର)

# ପୁଷ ପୂର୍ଣ୍ଣମୀ ମହୋତ୍ସବ ନେଇ ଦ୍ୱିତୀୟ ପ୍ରସ୍ତୁତି ବୈଠକ

ଜୟପୁର,୨୯।୧୨(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ଗୀତାଞ୍ଜଳି ମଣ୍ଡପରେ କୋରାପୁଟିଆ କଳାକାର ପକ୍ଷରୁ ଆୟୋଜିତ ପୁଷ ପୂର୍ଣ୍ଣମୀ ମହୋତ୍ସବ ନେଇ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଗାମୀ ପୁଷ ପୂର୍ଣ୍ଣମୀ ମହୋତ୍ସବ ୨୦୨୫ର ପୋଷ୍ଟର ବରିଷ୍ଠ କଳାକାର ଲିଙ୍ଗରାଜ ନିଶଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମ ସଭାପତି ମନୋଜ ପାତ୍ରଙ୍କ ସଭାପତିତ୍ୱରେ ଜୟପୁର ସହରର ଶତାଧିକ କଳାକାର ପୁଷ ପୂର୍ଣ୍ଣମୀକୁ ଅଧିକ ଆକର୍ଷଣୀୟ କରାଯିବା ନେଇ ଆଲୋଚନା କରିଥିଲେ। ଏଥିରେ ସମ୍ପାଦକ ଧୀରେନ ମୋହନ ପଟ୍ଟନାୟକ, ରବି ପାତ୍ର, ଗୋପାଳ ସାମନ୍ତରା, ରାମନାଥ ତ୍ରିପାଠୀ, ଜୟନ୍ତ ସାମନ୍ତରା, ପଦ୍ମିନୀ ସାମନ୍ତରା, ଶୁକ୍ଳା ଦେବନାଥ, ସ୍ୱର୍ଣ୍ଣଲତା ପଣ୍ଡା, ଗୀତୁ ମିଶ୍ର, ଗୁପ୍ତ ପାଣିଗ୍ରାହୀ, କୃଷ୍ଣ କେଶବ ଷଡ଼ଙ୍ଗୀ, ଶ୍ରୀକାନ୍ତ ଦାଶ, ସନ୍ତୋଷ ଦାଶ, ମହମ୍ମଦ ସରିଫ, ପଦ୍ମ ଚୌଧୁରୀ, ପୀୟୂଷ ପଟ୍ଟନାୟକ, ଜୟନ୍ତ ଦାଶ ତଥା ପ୍ରିୟା ଥିଏଟର ଗ୍ରୁପ୍, ସାଇ ଫିଲ୍ମ, ବଜରଙ୍ଗ କ୍ରିଏସନ, ଶ୍ରାବଣୀ ଗ୍ରୁପ୍, ଭୈରବ ନାଟ୍ୟ ସଂସଦ, ଲୁଲୁବାୟା ଗ୍ରୁପ୍, ଜେଏଫ୍‌ସି ଗ୍ରୁପ୍ ଓ ସ୍ୱର ଘୁଙ୍ଗୁର ଆଦି ଅନୁଷ୍ଠାନର ବହୁ କଳାକାର ଉପସ୍ଥିତ ଥିଲେ।

# ବଣ୍ଡାଘାଟିରେ ଜନଜାତି ପାଳିଲେ ପଟ୍ଟା ପରବ ଉତ୍ସବ

**ଦୀର୍ଘ ବର୍ଷର ଦାବି ପୂରଣ ହେଲା**

ମାଲକାନଗିର, ୨୯।୧୨ (ଦୁର୍ଯ୍ୟୋଧନ ପାତ୍ର)

ଦୀର୍ଘ ବର୍ଷର ଦାବି ଏବଂ ଆନ୍ଦୋଳନ ପରେ କେନ୍ଦ୍ର ସରକାର ୨୦୦୬ରେ ଜଙ୍ଗଲ ଜମି ଅଧିକାର ଅଧିନିୟମ ଆଇନ ଆଣିଥିଲେ ମଧ୍ୟ ଓଡ଼ିଶାରେ ଏହା ଲାଗୁ ହୋଇନଥିଲା। କିନ୍ତୁ ଡିସେମ୍ବର ୧୩ ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମାଲକାନଗିରି ଜିଲା ଗସ୍ତ ସମୟରେ ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିଥିଲେ। ଆଦିମ ଜନଜାତି ବଣ୍ଡାଙ୍କ ତରଫରୁ ଉପର ବଣ୍ଡାଙ୍କ ହକ୍ ପାଇଁ ଲଢୁଥିବା ସାମାଜିକ ସଂଗଠନ 'ବଣ୍ଡା ରେମୋଲେନା କୁଟୁମ' ମୁଖ୍ୟମନ୍ତ୍ରୀଙ୍କଠାରୁ ପଟ୍ଟା ଗ୍ରହଣ କରିଥିଲେ। ଏହାପରେ ଜିଲାର ସମସ୍ତ ଅଧିବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ରବିବାର ବଣ୍ଡାଘାଟିରେ ବାସ କରୁଥିବା ଦୁଇ ଆଦିମ ଜନଜାତି ବଣ୍ଡା ଓ ଡିଡାୟୀ ସମ୍ପ୍ରଦାୟର ପ୍ରାୟ ୨ ହଜାର ଲୋକ ଏକାଠି ହୋଇ ପଟ୍ଟା ପରବ ପାଳନ କରିଥିଲେ। ସୀତାକୁଣ୍ଡଠାରେ ପୂଜାପାଠ କରି ୩୨ ଗାଁରୁ ଆସିଥିବା ୨ ହଜାରରୁ ଅଧିକ ଲୋକ ନିଜ ପାରମ୍ପରିକ ବେଶଭୂଷା ସଜ୍ଜିତ ହୋଇ ଅସ୍ତ୍ରଶସ୍ତ୍ରଧରି ଏକ ବିରାଟ ଶୋଭାଯାତ୍ରା ମାଧ୍ୟମରେ ନିକଟସ୍ଥ କନ୍ୟାଶ୍ରମ ଯାଏ ଆସିଥିଲେ। ସେଠାରେ ଏକ ସଭାରେ ବଣ୍ଡା ରେମୋଲେନା କୁଟୁମ୍ ସଭାପତି ଲଛିମ ଝିଗିଡିଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ଜିଲା ଜଙ୍ଗଲ ରାଣୀ ଭାବରେ ପରିଚିତ ଜୟନ୍ତୀ ବୁରୁଦା ଏବଂ ଅତିରିକ୍ତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅଜୟ ମୁଦୁଲି, ମୁଖ୍ୟ ଅତିଥି ମୁଦୁଲିପଡ଼ା ସରପଞ୍ଚ ସମ୍ବାରି ଧାଙ୍ଗଡାମାଝୀ ଓ ଅଣ୍ଡ୍ରାହାଲ ସରପଞ୍ଚ ମଙ୍ଗୁଳି ଝିଗିଡିଙ୍କ ସହ ବହୁ ବ୍ୟକ୍ତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଜଙ୍ଗଲ ଜମି ଅଧିକାର ଆଇନ ବିଷୟରେ ବୁଝାଇଥିଲେ। ସଭାକୁ ନନ୍ଦ ଶିଶା, ଲଛିମ ମୁଦୁଲି, ଘେନା ଶିଶା ଓ ସୁମିତ ଶିଶା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିବା ଦୁର୍ଗା ପ୍ରସାଦ ସାହୁ, ଅଜିତ କୁମାର ବେହେରା, ଲଛିମ କିର୍ଷାନୀ, ଓରେନ୍ଦ୍ର ଶିଶା, ଶିବ ଶଙ୍କର ବାତ୍ରି, ବାଦଲ କିର୍ଷାନୀ, ସନିଆ ବଡ଼ନାୟକ ଏବଂ ଅନ୍ୟାନ୍ୟ ସଦସ୍ୟଙ୍କୁ ବଣ୍ଡା ରେମୋଲେନା କୁଟୁମ ତରଫରୁ ସଭାପତି ଲଛିମ ଝିଗିଡି ଧନ୍ୟବାଦ ଦେଇଥିଲେ।


ଆଦିବାସୀମାନେ ପଟ୍ଟା ପରବ ଉତ୍ସବରେ ଖୁସି ମନାଉଛନ୍ତି।

No.A-791

ଓଡ଼ିଶା ସରକାର
ଜଳ ସମ୍ପଦ ବିଭାଗ
ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା
ଟେଲିଫୋନ ନମ୍ବର- (06856)-291081 & ଇ-ମେଲ୍: eemirgd@ymail.com
ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି
ନିଲାମ ଡାକର ସଂଖ୍ୟା ଅନ୍‌ଲାଇନ -୦୮/କ୍ଷୁ:ଜ:ବି ରାୟଗଡ଼ା / ୨୦୨୪-୨୫
(BID IDENTIFICATION NO. ONLINE- 08 / MID RGD/ 2024-25)
ପତ୍ର ସଂଖ୍ୟା: ୪୯୩୬// କ୍ଷୁ:ଜ:ବି ରାୟଗଡ଼ା//ତାରିଖ ୨୬।୧୨।୨୦୨୪

ମହାମହିମ ରାଜ୍ୟପାଳ, ଓଡ଼ିଶାଙ୍କ ତରଫରୁ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା ଦ୍ୱାରା ଶତକଡ଼ା ହାର ଚୁକ୍ତି (Percentage Rate Contract) ରେ ଯୋଡ଼ା ଆବରଣ ପଦ୍ଧତି (Double Cover System) ଦ୍ୱାରା ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି ଅନ୍‌ଲାଇନ ଜରିଆରେ ନିମ୍ନ ସାରଣୀ ମାଧ୍ୟମରେ ଟେଣ୍ଡର ଆହ୍ୱାନ କରାଯାଉଛି।

| | | | |
|---|---|---|---|
| ୧ | କାମର ନାମ | : | ରାୟଗଡ଼ା ଜିଲ୍ଲାରେ କାପେକ୍ସ ଲାଇନିଙ୍ଗ (CAPEX Lining) ଯୋଜନାରେ ବାରିଡ଼ି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ମୁଖ୍ୟ କେନାଲ ଓ ସିଙ୍ଗୁବାଈ ମାଇନର କେନାଲର ସିମେଣ୍ଟ କଂକ୍ରିଟ୍ ଲାଇନିଂ ନିର୍ମାଣ |
| ୨ | ସର୍ବମୋଟ କାମର ସଂଖ୍ୟା | : | ୦୧ (ଏକ) ମାତ୍ର |
| ୩ | ଅଟକଳ ମୂଲ୍ୟ | : | ଆନୁମାନିକ ୫୮.୫୦ ଲକ୍ଷ |
| ୪ | ଠିକାଦାରଙ୍କ ଶ୍ରେଣୀ | : | ଯାହା କାର୍ଯ୍ୟର ପାର୍ଶ୍ୱରେ ଉଲ୍ଲିଖିତ |
| ୫ | କାର୍ଯ୍ୟର ସମାପ୍ତି କାଳ | : | ଯାହା କାର୍ଯ୍ୟର ପାର୍ଶ୍ୱରେ ଉଲ୍ଲିଖିତ |
| ୬ | ନିଲାମ ଉପଲବ୍ଧିର ତାରିଖ ଓ ସମୟ | : | ତା୦୧।୦୧।୨୦୨୫ରିଖ ଦିବା ୧୦.୦୦ ଘଟିକାଠାରୁ ତା୧୦।୦୧।୨୦୨୫ରିଖ ସନ୍ଧ୍ୟା ୫.୩୦ ଘଟିକା ପର୍ଯ୍ୟନ୍ତ |
| ୭ | ନିଲାମ ପ୍ରାପ୍ତିର ଶେଷ ତାରିଖ ଓ ସମୟ | : | ତା୧୦।୦୧।୨୦୨୫ରିଖ ସନ୍ଧ୍ୟା ୫.୩୦ ଘଟିକା ପର୍ଯ୍ୟନ୍ତ |
| ୮ | ଯାନ୍ତ୍ରିକ ନିଲାମ ଖୋଲିବା ତାରିଖ ଓ ସମୟ ଏବଂ ସ୍ଥାନ | : | ତା୧୩।୦୧।୨୦୨୫ରିଖ ଦିବା ୧୧.୦୦ ଘଟିକା ଏବଂ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ାଙ୍କ କାର୍ଯ୍ୟାଳୟ |
| ୯ | ନିଲାମ ଆମନ୍ତ୍ରଣ ଅଧିକାରୀଙ୍କ ନାମ ଓ ଠିକଣା | : | ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା କାର୍ଯ୍ୟାଳୟ |
| ୧୦ | ନିଲାମରେ ଭାଗନେବା ଓ ନିଲାମ ସୁରକ୍ଷା ଦେୟ ପୈଠ କରିବାର ପଦ୍ଧତି | : | ଅନ୍‌ଲାଇନ |

ସ୍ୱା./- ଅଧୀକ୍ଷଣ ଯନ୍ତ୍ରୀ
କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା
OIPR-32524/11/0012/2425

**ସଂକ୍ଷେପରେ**

## କାଶୀପୁର ବ୍ଲକ୍ ଶୌଣ୍ଡିକ ସଂଘର ବୈଠକ




ଟିକିରି, ୨୯।୧୨ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ ଶୌଣ୍ଡିକ ସଂଘର ବାର୍ଷିକ ସାଧାରଣ ବୈଠକ ଟିକିରିସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। କାଶୀପୁର ବ୍ଲକ୍ ସଂଘ ସଭାପତି ବିଜୟରତ୍ନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆଖପାଖ ଅଞ୍ଚଳରୁ ପ୍ରାୟ ୩୦୦ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସମ୍ପାଦକ ଡମ୍ବୁରୁଧର ସାହୁ ସଂଘର ବାର୍ଷିକ ଆୟବ୍ୟୟ ଉପସ୍ଥାପନ କରିଥିଲେ । ଏହି ଅବସରରେ ସମାଜର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ସଦସ୍ୟଙ୍କ ପରିବାରର କେହି ମୃତ୍ୟୁବରଣ କଲେ ସଂଘ ପକ୍ଷରୁ ୫ ହଜାର ଲେଖାଏଁ ଆର୍ଥିକ ସାହାଯ୍ୟ କରାଯାଉଛି ଏବଂ ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀଙ୍କୁ ପାଠପଢା ପାଇଁ ଆର୍ଥିକ ସାହାଯ୍ୟ କରାଯାଉଛି । ପ୍ରତ୍ୟକ ପରିବାର ପିଛା ୫ଶହ ଟଙ୍କା ବାର୍ଷିକ ଚାନ୍ଦା ଆଦାୟ କରି ଉନ୍ନତି କାର୍ଯ୍ୟରେ ଲଗାଯାଉଛି। ଆଗାମୀ ଦିନରେ ମଧ ସଂଘ ପକ୍ଷରୁ ଅନେକ ଉନ୍ନତିମୂଳକ କାର୍ଯ୍ୟ କରାଯିବ ବୋଲି ସଭାପତି ବିଜୟରତ୍ନ ଚୌଧୁରୀ କହିଛନ୍ତି। ସମାଜର ଯୁବକଙ୍କୁ ନେଇ ଏକ ନୂତନ ଯୁବ ବାହିନୀ ଗଠନ କରାଯାଇଛି ।ଏହି କମିଟିକୁ ଆଗାମୀ ଦିନରେ କାର୍ଯ୍ୟଭାର ଦିଆଯିବ ବୋଲି ସଂଘର ପ୍ରେମଲାଲ ସାହୁ କହିଛନ୍ତି ।

## ପୋଲିସ ଅଫିସରଙ୍କୁ ଆକ୍ରମଣ ଘଟଣା, ଜେଲ ଗଲେ ଯୁବକ

ଦିଗପହଣ୍ଡି,୨୯।୧୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ପୋଲିସ ଗଞ୍ଜାମ ଜିଲା ବୁଗୁଡ଼ା ରାଣୀ ସାହିର ଗଣେଶ ବେହେରାଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଥାନା ମାମଲା ନଂ.୫୦୭/୨୪ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି। ଦିଗପହଣ୍ଡି ଥାନା ଏଏସ୍ଆଇ ଅଜୟ କୁମାର ନାୟକ ସଦଳବଳେ ଶନିବାର ସନ୍ଧ୍ୟା ପ୍ରାୟ ୭ଟାରେ ସ୍ଥାନୀୟ ପୁଞ୍ଜିକଂୟା ଚାରିଛକରେ ରାସ୍ତାରେ ଚଳପ୍ରଚଳ କରୁଥିବା ବାଇକ ଗୁଡ଼ିକୁ ଚେକିଂ କରୁଥିଲେ। ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା କୀର୍ତ୍ତନ ଫାଇ ଫାଇନାନ୍ସ ଦିଗପହଣ୍ଡି ଶାଖାର କର୍ମଚାରୀ ଗଣେଶ ହୋଣ୍ଡା ବାଇକ୍ (ନଂ. ଓଡ଼ି ୩୨ ଡି-୧୪୬୪) ଯୋଗେ ବିନା ହେଲମେଟରେ ଦିଗପହଣ୍ଡି ବସଷ୍ଟାଣ୍ଡରୁ ପୁଞ୍ଜିକଂୟା ଛକକୁ ଦ୍ରୁତଗତିରେ ଆସୁଥିଲେ। ପୋଲିସ ଏଏସଆଇ ରାସ୍ତାରେ ତାଙ୍କୁ ଅଟକାଇ ବାଇକର ନଥିପତ୍ର ଦେଖାଇବାକୁ କହିଥିଲେ। ସେ ମନା କରିବାରୁ ଜଣେ ପୋଲିସ କର୍ମଚାରୀ ବାଇକର ଚାବି ନେଇଯାଇଥିଲେ। ଏଥିରେ ଉତ୍ତେଜିତ ହୋଇ ଗଣେଶ କର୍ତ୍ତବ୍ୟରତ ଏଏସ୍ଆଇଙ୍କୁ ଆପତ୍ତିଜନକ ଭାଷାରେ ଗାଳି କରିବାସହ ତାଙ୍କ ଶାର୍ଟ କଲର ଧରି ଆକ୍ରମଣ କରିଥିଲେ।

# ଶ୍ରେଷ୍ଠ ଆକାଂକ୍ଷା ବ୍ଲକ୍ ପଦ୍ମପୁର

ପଦ୍ମପୁର, ୨୯।୧୨ (ପ୍ରଶାନ୍ତ କୁମାର କର)




ଭାରତରେ ଶ୍ରେଷ୍ଠ ଆକାଂକ୍ଷା ବ୍ଲକ୍ ମାନଦଣ୍ଡରେ ରାୟଗଡ଼ା ଜିଲାର ପଦ୍ମପୁର ବ୍ଲକ୍ ତୃତୀୟ ସ୍ଥାନରେ ରହିଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏଥିପାଇଁ ନିତି ଆୟୋଗ ପକ୍ଷରୁ ପଦ୍ମପୁର ବ୍ଲକ୍ ପ୍ରଶାସନକୁ ପୁରସ୍କାର ସ୍ୱରୂପ ଦେଢ଼ କୋଟି ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯାଇଛି। ରାୟଗଡ଼ା ଜିଲାପାଳଙ୍କ ନିର୍ଦ୍ଦେଶନାରେ ଚଇତି ମହୋତ୍ସବରେ ପଦ୍ମପୁର ବ୍ଲକ୍‌କୁ ମାନପତ୍ର ସହ ଦେଢ଼ କୋଟି ଟଙ୍କା ପ୍ରଦାନ କରାଯିବ ବୋଲି ବିଡିଓ କହିଛନ୍ତି। ଏହି ସମୟରେ ନିତି ଆୟୋଗ ପକ୍ଷରୁ କ୍ଷମତାପ୍ରାପ୍ତ ଅଧିକାରୀ ସୀମା ସ୍ୱାରକୀ ରାୟ ଉପସ୍ଥିତ ରହିବେ।

ସୂଚନାଯୋଗ୍ୟ, ପଦ୍ମପୁର ବ୍ଲକ ପ୍ରଶାସନର ଦକ୍ଷତା, କାର୍ଯ୍ୟଶୈଳୀ ଓ ଟିମ୍‌ର ଦାୟିତ୍ୱ ସମ୍ପନ୍ନ ଯୋଗୁ ଏହା ସମ୍ଭବ ହୋଇପାରିଛି। ଏହି ଅନୁଦାନ ରାଶି ଶିକ୍ଷା, ସ୍ୱାସ୍ଥ୍ୟ, ସମନ୍ୱିତ ଶିଶୁ ବିକାଶ ତଥା ଡ୍ରପ୍ଆଉଟ ପିଲାଙ୍କୁ ଶିକ୍ଷାଦାନ କରି ମୁଖ୍ୟ ସ୍ରୋତକୁ ଫେରାଇ ଆଣିବାକୁ ଖର୍ଚ୍ଚ କରାଯିବ ବୋଲି ନିତି ଆୟୋଗ ପକ୍ଷରୁ ପଦ୍ମପୁର ବ୍ଲକ୍ ପ୍ରଶାସନକୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି।

ସୂଚନାଯୋଗ୍ୟ ଯେ, ନିତି ଆୟୋଗ ପକ୍ଷରୁ ଓଡ଼ିଶାର ୨୯ଟି ବ୍ଲକ୍‌କୁ ନିଆଯାଇଥିଲା। ସେଥିମଧ୍ୟରୁ ରାୟଗଡ଼ା ଜିଲାର ପଦ୍ମପୁର ଓ ମୁନିଗୁଡ଼ା ବ୍ଲକ୍ ସାମିଲ ଥିଲା। ସମଗ୍ର ଭାରତରେ ୫୦୦ ବ୍ଲକ୍ ଆକାଂକ୍ଷା ତାଲିକାରେ ରହିଥିବା ବେଳେ ପଦ୍ମପୁର ବ୍ଲକ୍ ଆକାଂକ୍ଷା ବ୍ଲକ୍ ର‌୍ୟାଙ୍କିଂ ମାନଦଣ୍ଡରେ ତୃତୀୟ ସ୍ଥାନ ଅଧିକାର କରି ବ୍ଲକ୍ ପ୍ରଶାସନ ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏହା ବ୍ଲକର ବିଡିଓ ପଟ୍ଟନାୟକ ସୂଚନା ଦେଇଛନ୍ତି।

**ଭାରତରେ ତୃତୀୟ, ମିଳିଲା ଦେଢ଼ କୋଟି ଟଙ୍କାର ଅନୁଦାନ**

## ପାଇକପଡ଼ା ଦକ୍ଷିଣକାଳୀ ମନ୍ଦିରରୁ ଚୋରି

ରାୟଗଡ଼ା/ଜେକେପୁର,୨୯।୧୨ (ଆଶିଷ ରଞ୍ଜନ ପଣ୍ଡା/ରାଜେଶ ବିଶ୍ୱାଳ)

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ ଥେରୁବାଲି ଫାଣ୍ଡି ପାଇକପଡ଼ାସ୍ଥିତ ଦକ୍ଷିଣକାଳୀ ମନ୍ଦିରରେ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ମନ୍ଦିର ପୂଜକ ରବିବାର ସକାଳୁ ପୂଜା କରିବାକୁ ଆସିବା ସମୟରେ ମନ୍ଦିର ତାଲା ଭାଙ୍ଗି ଚୋରି ହୋଇଥିବା ଦେଖି ମନ୍ଦିର ପରିଚାଳନା କମିଟିକୁ ସୂଚନା ଦେଇଥିଲେ । ମନ୍ଦିର କମିଟି ଏ ନେଇ ପୋଲିସକୁ ଖବର ଦେବା ପରେ ଥେରୁବାଲି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପରେ ଚାନ୍ଦିଲି ଆଇଆଇସି ପ୍ରସନ୍ନ ବେହେରା ଅନୁସନ୍ଧାନୀ କୁକୁର ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି ସୂଚନା ଦେଇଛନ୍ତି । ଦକ୍ଷିଣକାଳୀଙ୍କ ଦୁଇଟି ରୁପା ଆଖି ଓ ଗୋଟିଏ ଜିହ୍ୱା ଚୋରି ହୋଇଥିବା ଜଣାପଡ଼ିଛି । ଏହି ଚୋରି ଘଟଣାକୁ ନେଇ ମନ୍ଦିର ପରିଚାଳନା କମିଟି ଓ ରାଜସ୍ୱ ନିରୀକ୍ଷକ ଥାନାରେ ଲିଖିତ ଏତଲା ଦେଇଛନ୍ତି । ପ୍ରକାଶ ଥାଉକି, ୩ ବର୍ଷ ତଳେ ଅନୁରୂପ ଦକ୍ଷିଣକାଳୀ ମନ୍ଦିରରୁ ଚୋରି ହୋଇଥିଲା । ତେବେ ମନ୍ଦିରରୁ ଚୋରି ଘଟଣାକୁ ନେଇ ଶ୍ରଦ୍ଧାଳୁଙ୍କ ମନରେ ତୀବ୍ର ଆଘାତ ସୃଷ୍ଟି ହୋଇଛି । ତେଣୁ ତୁରନ୍ତ ଚୋରଙ୍କୁ ଧରିବା ସହିତ ମନ୍ଦିର ଚୋରି ଉପରେ ଅଙ୍କୁଶ ଲଗାଇବାକୁ ସାଧାରଣରେ ଦାବି ହୋଇଛି ।

## ହାତୀ ସୁରକ୍ଷା 'ଗଜ ସାଥୀ' ପ୍ରଶିକ୍ଷଣ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ବନ ବିଭାଗ ଅଧିକାରୀ।

ମୁନିଗୁଡା,୨୯।୧୨ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ାର ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟ ସଭାଗୃହ ପରିସରରେ ବନଖଣ୍ଡସ୍ତରୀୟ ହାତୀ ସୁରକ୍ଷା 'ଗଜ ସାଥୀ' ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁନିଗୁଡା ରେଞ୍ଜର ଅନିଲ କୁମାର ବାଲାଙ୍କ ତତ୍ତ୍ୱାବଧାନ ଏବଂ ଫରେଷ୍ଟର ପ୍ରମୋଦିନୀ ମାଣ୍ଡାଙ୍ଗୀ ଓ ରୋନିତ ମହାରଣାଙ୍କ ମିଳିତ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଏସିଏଫ୍ ସନ୍ଦୀପ ପୃଷ୍ଟି, ମୁଖ୍ୟବକ୍ତା ଭାବେ ଅବୈତନିକ ଜିଲା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଗୌରାଙ୍ଗ ଚରଣ ରାଉତ, ସମ୍ମାନିତ ଅତିଥିଭାବେ ଗୁଣପୁର ବନାଞ୍ଚଳ ଅଧିକାରୀ ଗଙ୍ଗାଧର ମିଶ୍ର ଓ କଲ୍ୟାଣସିଂପୁର ବନାଞ୍ଚଳ ଅଧିକାରୀ ଚନ୍ଦନ ଗମାଙ୍ଗ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରେଞ୍ଜର ବାଲା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ହାତୀ ସୁରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଜଙ୍ଗଲ ସୁରକ୍ଷିତ ରହିଲେ ଉଭୟ ବନ୍ୟପ୍ରାଣୀ ଓ ମନୁଷ୍ୟ ଜୀବନ ସୁରକ୍ଷିତ ରହିବ, ଏଣୁ ହାତୀର ସୁରକ୍ଷା ଅତି ଜରୁରୀ ହୋଇପଡ଼ିଛି ବୋଲି କହିଥିଲେ। ଏଥିସହ ଗଜସାଥିମାନେ ବନ୍ୟପ୍ରାଣୀଙ୍କ ବନ୍ଧୁ ଭଳି ସୁରକ୍ଷା କାର୍ଯ୍ୟ କରୁଥିବାରୁ ସେମାନଙ୍କୁ ପ୍ରଶଂସା କରିଥିଲେ। ହାତୀ ସୁରକ୍ଷା, ସେମାନଙ୍କ ଯତ୍ନ ଓ ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱ ଦେବାକୁ ଯାଇ ଗଜସାଥୀମାନଙ୍କୁ ଅତିଥିମାନେ ମାର୍ଗଦର୍ଶନ ଦେଇଥିଲେ। ଅମ୍ବାଦଳା ବନପାଳ ମାଝୀ ମହାପାତ୍ର, ଦୁର୍ଗୀ ବନପାଳ ରଞ୍ଜିତ ଶ୍ରୀରାମ, ଗଜସାଥୀ ପ୍ରଶିକ୍ଷକ ଓ ଟିମ ଲିଡର ପୀତାମ୍ବର ଗୌଡ଼ ପ୍ରମୁଖ ଗଜସାଥୀମାନଙ୍କୁ ପ୍ରଶିକ୍ଷଣ ଦେବାରେ ସାହାଯ୍ୟ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁନିଗୁଡ଼ା, ଗୁଣୁପୁର ଓ କଲ୍ୟାଣସିଂପୁର ୩ଟି ରେଞ୍ଜର ବନପାଳ, ବନରକ୍ଷୀଙ୍କ ସମେତ ୩୦ଟି ଫରେଷ୍ଟ ଗ୍ରାମର ୧୫୦ ଗଜସାଥୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ କୃଷି ସହକାରୀ ବୈଷୟିକ ପ୍ରବନ୍ଧକ ଉତ୍ତମ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ। ଫରେଷ୍ଟର ହେମା ବେହେରା, ପ୍ରଭାତ ବେହେରା, ହରଦୀପ ଦାସ,ଦିବ୍ୟାନୀ ରାଏ, ବିଘ୍ନରାଜ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ମୁନିଗୁଡ଼ା ବନପାଳ ପ୍ରମୋଦିନୀ ମାଣ୍ଡାଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ଜଣେ ମୃତ ଜଣେ ଆହତ

ଆସିକା ୨୯।୧୨ (ସୁରେନ୍ଦ୍ର ନାଥ ସାହୁ)

ଆସିକା-କବିସୂର୍ଯ୍ୟନଗର ରାସ୍ତାରେ କଇଁଫୁଲିଆ ଛକ ନିକଟରେ ଶନିବାର ରାତିରେ ଏକ ବାଇକ୍ ସହ ହାଇୱାର ଧକ୍କାରେ ଜଣକର ମୃତ୍ୟୁ ଘଟିଥିଲା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି । ମୃତକ ଜଣକ ପୁରୁଣା ବ୍ରହ୍ମପୁରର ରବିନାରାୟଣ ମହାନ୍ତି ଓ ଆହତ ଜଣକ ବ୍ରହ୍ମଗିରି ନନ୍ଦପୁର ଗ୍ରାମର କୃଷ୍ଣ ନାୟକ। ଏକ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାରେ କର୍ତ୍ତବ୍ୟରତ ଏହି ଦୁଇ କର୍ମଚାରୀ ଋଣ ଟଙ୍କା ସଂଗ୍ରହ କରି ଆସିକା ଫେରୁଥିଲା ବେଳେ ହାୱା ସହ ଧକ୍କା ହୋଇଥିଲା । ଉଭୟଙ୍କୁ ମୁମୂର୍ଷ ଅବସ୍ଥାରେ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ତେବେ ଡାକ୍ତର ରବି ନାରାୟଣଙ୍କୁ ମୃତ ଘୋଷଣା କରିଥିଲା ବେଳେ ଆହତ ଜଣକ ଆସିକା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଖବର ପାଇ ଆସିକା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଦେହ ଓ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି । ଘଟଣା ସମ୍ପର୍କରେ ଆସିକା ଥାନାରେ ୮୮୩/୨୪ରେ ଏକ ମାମଲା ରୁଜୁ କରାଯାଇଛି ।

## ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା



କଂଗ୍ରେସ କର୍ମକର୍ତ୍ତା ମନମୋହନ ସିଂଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

ମୁନିଗୁଡା,୨୯।୧୨ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ାର କଂଗ୍ରେସ ଭବନ ପରିସରରେ ବ୍ଲକ କଂଗ୍ରେସ କମିଟି ତରଫରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବ୍ଲକ କଂଗ୍ରେସ ସଭାପତି ନୀଳାମ୍ବର ବିଭାର ଓ ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବେହେରାଙ୍କ ସମେତ ବହୁ ସଂଖ୍ୟାରେ ଦଳୀୟ ନେତା ଓ କର୍ମୀ ଯୋଗଦେଇ ସ୍ୱର୍ଗତ ମନମୋହନ ସିଂଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ସ୍ୱର୍ଗତ ସିଂଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ସେ ଜଣେ ସ୍ୱଚ୍ଛ ରାଜନେତା ଏବଂ ଅର୍ଥନୀତିଜ୍ଞ ବିଶେଷଜ୍ଞ ଭାବେ ବେଶ୍ ପରିଚିତ ଥିଲେ ବୋଲି ଦଳୀୟ ନେତୃବୃନ୍ଦ ପ୍ରକାଶ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସର ଯୁବ ନେତା ବାଦଲ ବେହେରା, ମାଲେନି ଚିତ, ଦିନେଶ ନାୟକ, ଅର୍ଜୁନ ନାୟକ, ନାରାୟଣ, ଶରତ ପିଡିକାକା, ଅନଙ୍ଗ ନାଗ, ରାଧାମୋହନ ଟାକ୍ରି, ଜୟଲାଲ ବାଗ, ଭୀମରାଜ ସିକକା, ସୀମାଞ୍ଚଳ କରକରିଆ, ଲବ ସିକକା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ମନମୋହନ ସିଂଙ୍କ ବିୟୋଗରେ ଶୋକସଭା




ବିଷମକଟକ,୨୯।୧୨(ପ୍ରସନ୍ନ କୁମାର ପଣ୍ଡା)

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ପରଲୋକରେ ବିଷମକଟକ ସଦର ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକ କଂଗ୍ରେସ କମିଟି ତରଫରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି କୃଷ୍ଣ ନାଣକାଙ୍କ ଅଧ୍ୟକ୍ଷତାରେ ଶନିବାର ରାତି ୮ଟାରେ ଆୟୋଜିତ ଶୋକସଭାରେ ବିଷମକଟକ ନିର୍ବାଚନମଣ୍ଡଳୀ ବିଧାୟକ ନୀଳମାଧବ ହିକକା ଡ. ମନମୋହନ ସିଂଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। କଂଗ୍ରେସ ନେତା ନିଖିଳ ପଟ୍ଟନାୟକ, ରାମୁ ଗୌରୀ ପ୍ରସାଦ, ଶୁଭେନ୍ଦୁ ନାରାୟଣ ଚୌଧୁରୀ, ଗୌରୀ ପ୍ରସାଦ ପାତ୍ର, ପତନ ସାହୁ ଓ ଇସାକଙ୍କ ସମେତ ଦଳୀୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

## ପଲ୍ଲିଶ୍ରୀ ମେଳାରେ ପୋଲିସ ନିୟୋଜିତ, ଫାଇଦା ନେଉଛନ୍ତି ଦୁର୍ବୃତ୍ତ

ରାୟଗଡ଼ା,୨୯।୧୨(ଆଶିଷ ରଞ୍ଜନ ପଣ୍ଡା)

■ ମହିଳାଙ୍କ ବେକରୁ ସୁନା ଚେନ୍ ଲୁଟ୍
■ ବିଳମ୍ବିତ ରାତିରେ ଏକ ଘରୁ ଚୋରି

ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ବିୟୋଗରେ କେନ୍ଦ୍ର ସରକାର ୭ ଦିନିଆ ରଷ୍ଟ୍ରୀୟ ଶୋକ ଘୋଷଣା କରିବାରୁ ରାୟଗଡ଼ା ଜିଲାସ୍ତରୀୟ ଲୋକ ମହୋତ୍ସବ ଚଇତି ୨୦୨୪ ସ୍ଥଗିତ କରାଯାଇଛି । ତେବେ ପଲ୍ଲିଶ୍ରୀ ମେଳା ଜାରି ରହିଥିବାରୁ ଜିସିଡି ପଡ଼ିଆରେ ଜନସମାଗମ ଲାଗି ରହିଛି। ଉକ୍ତ ଅଞ୍ଚଳରେ ଟ୍ରାଫିକ ନିୟନ୍ତ୍ରଣଠାରୁ ଆରମ୍ଭ କରି ମୋବାଇଲ ଚୋରି ଓ ଅନ୍ୟାନ୍ୟ ଆପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ଜିଲାର ପୋଲିସ ସମେତ ବାହାର ପୋଲିସ ମଧ ମୁତୟନ କରାଯାଇଛି । ତେବେ ଏହାର ଫାଇଦା ଉଠାଉଛନ୍ତି ଦୁର୍ବୃତ୍ତ । ଶନିବାର ରାତିପ୍ରାୟ ୭ଟା ୩୦ରେ ସହରର ଗୌତମ ନଗର ଅଞ୍ଚଳର ଜଣେ ମହିଳା ପଲ୍ଲିଶ୍ରୀ ମେଳା ଦେଖି ଘରକୁ ଫେରିବା ବେଳେ ଦୁଇ ଜଣ ଦୁର୍ବୃତ୍ତ ବାଇକରେ ଆସି ଚେନ୍ ଲୁଟ୍ କରି ଫେରାର ହୋଇଯାଇଥାଲେ। ମହିଳା ଜଣକ ହେଲେ ଗୌତମ ନଗର ୪ର୍ଥ ଲେନର ଏମ.ସୁଶୀଳା । ସୁଶୀଳାଙ୍କ କହିବାନୁସାରେ, ସେ ପଲିଶ୍ରୀ ମେଳା ଦେଖି ଘରକୁ ଫେରୁଥିବାବେଳେ ସନ୍ତୋଷୀ ମା' ମନ୍ଦିର ନିକଟରେ ଅନ୍ଧାରର ଫାଇଦା ଉଠାଇ ଦୁଇ ଦୁର୍ବୃତ୍ତ ବାଇକରେ ଆସି ତାଙ୍କ ବେକରୁ ଚେନ୍ ଟାଣି ଫେରାର ହୋଇଯାଇଥିଲେ । ଚୋରି ସୁନା ଚେନ୍ ପ୍ରାୟ ୩୦ ଗ୍ରାମର ବୋଲି ସୁଶୀଳା ଥାନାରେ ଏତଲା ଦେଇଛନ୍ତି। ଅନ୍ୟପଟେ ଶନିବାର ରାତିରେ ରାୟଗଡ଼ା ସହରସ୍ଥିତ ସାକ୍ରେଡ଼ ହାର୍ଟ ସ୍କୁଲ ନିକଟସ୍ଥ ଅଞ୍ଚଳର ଏକ ଘରୁ ଟଙ୍କା ଚୋରି ହୋଇଥିବା ସୂଚନା ମିଳିଛି। ଏ ନେଇ ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି। ଦୀର୍ଘ ମାସ ଧରି ରାୟଗଡ଼ା ସହରରେ ଚୋରି ବନ୍ଦ ରହିଥିଲା । ଏବେ ପଲିଶ୍ରୀ ମେଳାରେ ପୋଲିସ ନିୟୋଜିତ ରହିଥିବା ବେଳେ ସହରରେ ବାହାରୁ ଆସିଥିବା ଉଠା ଦୋକାନୀଙ୍କ ସଂଖ୍ୟା ଢ଼େର୍ ବଢ଼ିଥିବା ଦେଖିବାକୁ ମିଳିଛି । ପ୍ରାୟ ୧ହଜାରରୁ ଉର୍ଦ୍ଧ୍ୱ ବାହାର ରାଜ୍ୟର ଉଠା ଦୋକାନୀ ବ୍ୟବସାୟୀ ନିଜ ପରିବାର ସହିତ ସହରରେ ଏଣେତେଣେ ବୁଲୁଥିବା ଦେଖିବାକୁ ମିଳିଛି । ତେଣୁ ପୋଲିସ ଏ ନେଇ ଦୃଢ଼ ପଦକ୍ଷେପ ନେବା ସହିତ ପଲ୍ଲିଶ୍ରୀ ମେଳା ସହିତ ସହରରେ ୨୪ ଘଣ୍ଟିଆ ପାଟ୍ରୋଲିଂ କରିବା ଆବଶ୍ୟକ ବୋଲି ସାଧାରଣରେ ଦାବି ହୋଇଛି।

# ଚାଷୀଙ୍କ ସହ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ

ଗୋପାଳପୁର, /ପାରଳାଖେମୁଣ୍ଡି, ୨୯।୧୨ (ଗିରିଧାରୀ ପରିଛା/ ନବୀନ ରାଜ ଅ।ଚାରୀ)



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଫସଲ କ୍ଷୟକ୍ଷତି ପରଖିବାକୁ ଗଜପତି ଜିଲା ଗୋସାଣି ବ୍ଲକରେ ପହଞ୍ଚି ସିଧାସଳଖ ଚାଷୀଙ୍କ ସହ ଆଲୋଚନା କରିଛନ୍ତି।

ମଧ୍ୟାହ୍ନ ୨ଟାରେ ସେଞ୍ଚୁରିଆନ ଖେଳ ପଡିଆଠାରେ ନିର୍ମାଣ ହୋଇଥିବା ଅସ୍ଥାୟୀ ହେଲିପ୍ୟାଡରେ ଅବତରଣ କରି ମୁଖ୍ୟମନ୍ତ୍ରୀ ସେଠାରୁ ଗୋସାଣି ବ୍ଲକ ଗୁରାଣ୍ଡି ଗ୍ରାମକୁ ଯାଇଥିଲେ। ସେ ଚାଷଜମିରେ ଚାଷୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଲଗାଣ ବର୍ଷାରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିବାବେଳେ ଗ୍ରାଉଣ୍ଡ ଜିରୋରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପାରଳାଖେମୁଣ୍ଡି ବିଧାୟକ ରୁପେଶ କୁମାର ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗ ଉପସ୍ଥିତ ଥିଲେ। ଅଦିନିଆ ବର୍ଷାରେ ଜିଲାର ଗୋଷାଣୀ ବ୍ଲକରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ମୁଖ୍ୟମନ୍ତ୍ରୀ ସେହି ଅଞ୍ଚଳ ବୁଲି ଦେଖିବା ସହ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଗୋଷାଣୀ ବ୍ଲକର ଗୁରାଣ୍ଡି, ଲିଙ୍ଗିପୁର, ଉପଲଡା ଅଞ୍ଚଳକୁ ଗସ୍ତ କରିବା ସମୟରେ ରାସ୍ତାରେ ଗଜା ହୋଇଯାଇଥିବା ଧାନ ଓ ପାଣିରେ ଭିଜି ନଷ୍ଟ ହୋଇଥିବା ଧାନ ରଖି ମୁଖ୍ୟମନ୍ତ୍ରୀଙ୍କୁ ଚାଷୀମାନେ ସେମାନଙ୍କ ଦୁଃଖ ଜଣାଇଥିଲେ। ତେବେ ମୁଖ୍ୟମନ୍ତ୍ରୀଙ୍କୁ ବହୁ ଚାଷୀ ନିଜ ଦୁଃଖ ଜଣାଇବାକୁ ଅପେକ୍ଷା କରିଥିଲେ ସୁଦ୍ଧା ମୁଖ୍ୟମନ୍ତ୍ରୀ ନିର୍ଦ୍ଦିଷ୍ଟ କିଛି ଚାଷୀଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରିବା ସହ ଚାଷୀଙ୍କ ସମସ୍ୟାର ସମାଧାନ ଏବଂ କ୍ଷତିପୂରଣ ପ୍ରଦାନ ପାଇଁ ଶୀଘ୍ର ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚାଷୀ ବୀମା କରିଥିଲେ ନିଜ ପଞ୍ଜୀକୃତ ନମ୍ବରରୁ ହେଲ୍ପଲାଇନ ନମ୍ବର'୧୪୪୪୭'ରେ ଜଣାଇବା ପାଇଁ ମୁଖ୍ୟମନ୍ତ୍ରୀ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଏ ନେଇ ଜିଲାପାଳ ବିଜୟ କୁମାର ଦାସ କହିଛନ୍ତି ଆସନ୍ତା ୩୦ ତାରିଖ ସୁଦ୍ଧା ଫସଲ କ୍ଷୟକ୍ଷତି ଆକଳନ କରାଯିବ। ଡିବିଟି ଜରିଆରେ ଚାଷୀଙ୍କୁ ଫସଲ କ୍ଷତିପୂରଣ ପ୍ରଦାନ କରାଯିବ। ବୀମା କରିଥିବା ଚାଷୀ ଓ କରି ନ ଥିବା ଚାଷୀମାନେ ଏହି କ୍ଷତିପୂରଣ ପାଇବେ ବୋଲି ସରକାର ନିର୍ଦ୍ଦେଶ ଦେଇଛନ୍ତି।ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୨୧୨୮ ହେକ୍ଟର ଜମିର ଧାନ ଖରାପ ହୋଇଛି ଆଗକୁ ୩୦ତାରିଖ ପର୍ଯ୍ୟନ୍ତ ଯାହା ଆସିବ ତାହା ଆକଳନ କରାଯିବାକୁ ସ୍ଥିର ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଉପ ଜିଲାପାଳ ଅନୁପ ପଣ୍ଡା,ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା,ମୁଖ୍ୟ ଉନ୍ନୟନ ଅଧିକାରୀ ଡ଼. ଗୁଣନିଧି ନାୟକ ଉପସ୍ଥିତ ଥିଲେ।

# ବୈଶ୍ୟ ଜାତିକୁ ଓବିସି ମାନ୍ୟତା ଦାବି

**ଗୁଣପୁର କଳିଙ୍ଗ ବୈଶ୍ୟ ସଂଘର ବନ୍ଧୁମିଳନ**

ଗୁଣପୁର,୨୯।୧୨(ପ୍ରଦୀପ କୁମାର ପାଢ଼ୀ)



କାର୍ଯ୍ୟକ୍ରମରେ ଆନ୍ଧ୍ରପ୍ରଦେଶ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ବୈଶ୍ୟ ସଂଘ କର୍ମକର୍ତ୍ତା।

ରାୟଗଡ଼ା ଜିଲା ଗୁଣପୁର କଳିଙ୍ଗ ବୈଶ୍ୟ ସଂଘ ପକ୍ଷରୁ ରବିବାର ପୁରୁଣା ଗୁଣପୁର ଆମ୍ବତୋଟାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଳିଙ୍ଗ ବୈଶ୍ୟ ସଂଘର ସଭାପତି ଏସ୍.ବାବା ପ୍ରସାଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯକ୍ରମରେ ଆନ୍ଧ୍ରପ୍ରଦେଶର ରାଜ୍ୟ ସଭାପତି ବି.ଗୋବିନ୍ଦ ରାଜୁଲୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କଳିଙ୍ଗ ବୈଶ୍ୟ ଜାତିର ବିକାଶ ପାଇଁ ଗୁଣପୁର ସଂଘର କାର୍ଯ୍ୟକ୍ରମକୁ ସେ ପ୍ରଶଂସା କରିଥିଲେ। ଆନ୍ଧ୍ର ସରକାର ୨୦୧୪ରେ ବୈଶ୍ୟ ଜାତିକୁ ପଛୁଆ ବର୍ଗ ମାନ୍ୟତା ଦେଇଥିଲେ। ତେଣୁ ଓଡ଼ିଶା ସରକାର ବୈଶ୍ୟ ଜାତିକୁ ଓବିସି ମାନ୍ୟତା ପ୍ରଦାନ କରିବାକୁ ଅନୁରୋଧ କରାଯିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ଏଥିସହ ବୈଶ୍ୟ ସଂଘର ଗରିବ ପରିବାରକୁ ଚିହ୍ନଟ କରି ବିଭିନ୍ନ ସାହାଯ୍ୟ ସହଯୋଗ କରିବାକୁ ଆନ୍ଧ୍ର ରାଜ୍ୟ ସଭାପତି ରାଜୁଲ କହିଥିଲେ। ଏହି କାର୍ଯ୍ୟକ୍ରମରେ ଆନ୍ଧ୍ର ବୈଶ୍ୟ ସଂଘର ମିଡ଼ିଆ ସଂଯୋଜକ ଟି. ଗଣେଶ୍ୱର ଯୋଗଦେଇ ନିଜର ମତ ଦେଇଥିଲେ । ଗୁଣପୁର କଳିଙ୍ଗ ବୈଶ୍ୟ ସଂଘର ସଭାପତି ଏସ୍.ବାବା ପ୍ରସାଦ, ଉପ ସଭାପତି ପି. ନାଗ ରାଜୁ, ସମ୍ପାଦକ ପି .ସାଇ କ୍ରିଷ୍ଣା, ଯୁଗ୍ମ ସମ୍ପାଦକ ଏ.ଭେଙ୍କେଟ ରାବଣା, କୋଷାଧ୍ୟକ୍ଷ ହରିନାଥ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆନ୍ଧ୍ରର କୋଟାବାମାଲି ସଭାପତି ଲାଡି ଚିନା ବାବୁ, ପାର୍ବତୀପୁରମ ସଭାପତି ବି.ଭେଙ୍କଟ ରାବଣ, ସମ୍ପାଦକ ଗୌରୀ ଶଙ୍କର, ପାରଳାଖେମୁଣ୍ଡି ସଭାପତି ବସ୍ୟରାଜୁ ବାଲାଜୀ, ଗୁଡ଼ାରି ସଭାପତି ବୈକୁଣ୍ଠ ରାଓ, ଜେକେପୁର ସଭାପତି ଗୌରୀ ଶଙ୍କରଙ୍କ ସହ ବହୁ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ସଂଘ ପାଇଁ କର୍ଯ୍ୟ କରିଥିବା ସ୍ୱର୍ଗତ ମାର୍ଣ୍ଣ ଭାସ୍କର ରାଓ, ବି. ଭେଙ୍କଟ ରାଓ ଓ ମର୍ଣ୍ଣଂ କ୍ରିଷ୍ଣା ରାଓଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯିବା ସହ ତାଙ୍କ ପରିବାରକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ବରିଷ୍ଠ ସଦସ୍ୟ ସୁଦର୍ଶନ ରାଓ, କ୍ରିଷ୍ଣା ରାଓ ସୁବୁଦ୍ଧି, ଲାଡି ଶେଷଗିରି ରାଓଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସଂଘର ଉନ୍ନତି କାମନା କରି ସଂଘ ପକ୍ଷରୁ କନ୍ୟକା ପରମେଶ୍ୱରି ମନ୍ଦିରରେ ପୂଜାପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ କଳିଙ୍ଗ ବୈଶ୍ୟ ସଂଘର ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାରୁ ୧୦ ହଜାରରୁ ଉର୍ଦ୍ଧ୍ୱ ସଭ୍ୟ ସାମିଲ ହୋଇଥିଲେ । ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।

# ଆଇନଜୀବୀ, ବିଚାରପତିମାନଙ୍କୁ ନିରନ୍ତର ପ୍ରଶିକ୍ଷଣ ଆବଶ୍ୟକ

**ମାଲକାନଗିରି,୨୯।୧୨(ଦୁର୍ଯ୍ୟୋଧନ ପାତ୍ର)**



ସମ୍ମିଳନୀରେ ଆଇନଜୀବୀମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।

**ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୫୩ତମ ସମ୍ମିଳନୀ ଉଦ୍‌ଘାଟିତ**

ମାଲକାନଗିରି ଦଣ୍ଡକାରଣ୍ୟ ଖେଳ ପଡିଆରେ ରବିବାର ଦୁଇଦିନିଆ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୫୩ତମ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ବିଚାରପତି ଶିବଶଙ୍କର ମିଶ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଲୟର୍ସ ଆସୋସିଏଶନ ଅଧ୍ୟକ୍ଷ ଜ୍ଞାନରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଭି. ଗୋପାଳ ଗୌଡା, ଓଡ଼ିଶା ରାଜ୍ୟ ବାର୍ କାଉନସିଲ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ, ଉଚ୍ଚ ନ୍ୟାୟାଳୟ ବାର୍ ଆସୋସିଏଶନ ସଭାପତି ବିଜୟ କୁମାର ଦାସ, ଅଲ୍ ଓଡ଼ିଶା ଲୟର୍ସ ଆସୋସିଏଶନ ସଭାପତି ନନ୍ଦନନ୍ଦନ ଶତପଥୀ, ଅଲ୍ ଓଡ଼ିଶା ଲୟର୍ସ ଆସୋସିଏଶନ ସାଧାରଣ ସମ୍ପାଦକ ସଞ୍ଜିତ କୁମାର ପାଣିଗ୍ରାହୀ, ଓଡ଼ିଶା ରାଜ୍ୟ ବାର୍ କାଉନସିଲ ସଭ୍ୟ ରମେଶ ପାତ୍ର, ବିଭୁ ପ୍ରସାଦ ତ୍ରିପାଠୀ, ଦିନେଶ ରାୟ, ଧନଞ୍ଜୟ ମୁଣ୍ଡ, ଲକ୍ଷ୍ମୀନାରାୟଣ ପଟେଲ, ନୃସିଂହ ଚରଣ ନାୟକ, ସୁଶାନ୍ତ କୁମାର ମହାପାତ୍ର, ମନୋରଞ୍ଜନ ମହାନ୍ତି, ମାଲକାନଗିରି ଲୟର୍ସ ଆସୋସିଏଶନ ସମ୍ପାଦକ ବିଜୁ ସରକରା ଓ ଲମ୍ବୋଦର ଡୁରୁକ ପ୍ରମୁଖ ମଞ୍ଚାସୀନ ଥିଲେ।

ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ ରାଜ୍ୟ ସାଧାରଣ ସମ୍ପାଦକ ପାଣିଗ୍ରାହୀ ସଂଘର ଆଭିମୁଖ୍ୟ, ରାଜ୍ୟରେ ଶାସନ ବ୍ୟବସ୍ଥା ଓ ନ୍ୟାୟିକ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବାକୁ ଆଇନଜୀବୀଙ୍କ ଦାୟିତ୍ୱ, ଗୁଣାତ୍ମକ ନ୍ୟାୟ ପାଇଁ ଆଇନଜୀବୀମାନେ ନ୍ୟାୟିକ ପ୍ରଶାସନିକ ବ୍ୟବସ୍ଥାର ପ୍ରମୁଖ ଭୂମିକା ଗ୍ରହଣ କରିବା, ରାଜ୍ୟ ଶାସନ ବ୍ୟବସ୍ଥାରେ ଆଡ୍‌ଭୋକେଟ ଏକାଡେମୀ ପ୍ରତିଷ୍ଠା କରିବା, ଆଇନଜୀବୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସୂଚନା ଦେଇଥିଲେ।

ମୁଖ୍ୟ ଅତିଥି ମିଶ୍ର ଆଇନଜୀବୀ ବୃତ୍ତି ପରିବର୍ତ୍ତନର ଆବଶ୍ୟକତା ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ବିକାଶଶୀଳ ଅର୍ଥନୀତି, ମାନବ ସମ୍ବଳର ବିକାଶ, ଦେଶର ଶାସନ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ଆଇନ ପେସାର ବ୍ୟକ୍ତିଙ୍କୁ ବିଶ୍ୱସ୍ତରରେ ଆଇନକାନୁନ ସମ୍ବନ୍ଧରେ ସୂଚନା ଦେଇଥିଲେ। ଆଇନଜୀବୀ ଓ ବିଚାରପତିମାନଙ୍କୁ ନିରନ୍ତର ପ୍ରଶିକ୍ଷଣର ଆବଶ୍ୟକତା ରହିଛି । ସରକାର ଏହି ପ୍ରକ୍ରିୟାକୁ ତରାନ୍ୱିତ ନ କଲେ ଭିତ୍ତିଭୂମି ଦୁର୍ବଳ ହେବ । ଏଥିପାଇଁ ଜୁଡିସିଆଲ ଏକାଡେମୀର ଆବଶ୍ୟକତା ରହିଛି। ବିଚାରପତିମାନଙ୍କ ନ୍ୟାୟିକ ଦକ୍ଷତା ଓ ଜ୍ଞାନ ଅଭିବୃଦ୍ଧିର ଆବଶ୍ୟକତା ରହିଛି। ଦେଶରେ ଆଇନ ପାଠ୍ୟକ୍ରମଗୁଡିକ ମଧ୍ୟ ଏଭଳି ହେବାର ଆବଶ୍ୟକତା ଅଛି। ଜଣେ ଆଇନଛାତ୍ର ପାଠ ପଢିବା ସମୟରେ କିଭଳି ନିଜର ପେସାଗତ ଜୀବନରେ ଏହାର ବ୍ୟବହାର କରିପାରିବ, ସେଥିପାଇଁ ପ୍ରଶିକ୍ଷଣର ଆବଶ୍ୟକତା ଅଛି। ରାଜ୍ୟରେ ଆଇନଜୀବୀମାନେ ବିଭିନ୍ନ ସମସ୍ୟାରେ ଗତି କରୁଥିଲେ ମଧ୍ୟ ସେମାନଙ୍କର ନ୍ୟାୟୋଚିତ ଦାବିଗୁଡିକୁ ସରକାର ବିଚାରକୁ ନେବାର ଆବଶ୍ୟକତା ରହିଛି ବୋଲି ପଦାଧିକାରୀମାନେ ମତବ୍ୟକ୍ତ କରିଥିଲେ। ଆଇନଜୀବୀମାନଙ୍କ ପାଇଁ କଲ୍ୟାଣ ପାଣ୍ଠି, ସ୍ୱାସ୍ଥ୍ୟବୀମା, ପେନ୍‌ସନ ବ୍ୟବସ୍ଥା ସହ ସେମାନଙ୍କ ପରିବାରକୁ ଉଚ୍ଚ ଶିକ୍ଷା ପାଇଁ ସରକାରୀ ସହାୟତା ଦେବାକୁ ସମ୍ମିଳନୀରେ ଦାବି ହୋଇଥିଲା।

କାର୍ଯ୍ୟକ୍ରମରେ ୩୦ ଜିଲାରୁ ହଜାରରୁ ଉର୍ଦ୍ଧ୍ୱ ଆଇନଜୀବୀ ଅଂଶଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ମାଲକାନଗିରି ଆଇନଜୀବୀ ସଂଘ ସଭାପତି ନୃସିଂହ ଚରଣ ମହାନ୍ତି, ଲମ୍ବୋଦର ଡୁରୁକ ଓ ବିଜୁ ସରକାର ପ୍ରମୁଖ ପରିଚାଳନା କରିଥିଲେ। ମାଲକାନଗିରି ଜିଲାରେ ପ୍ରଥମଥର ପାଇଁ ଏହି ସମ୍ମିଳନୀ ହୋଇଥିବାରୁ ଅତିଥି ଓ ବିଭିନ୍ନ ଜିଲାରୁ ଆସିଥିବା ଆଇନଜୀବୀମାନେ ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବେଷଣ କରାଯାଇଥିଲା।

## ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ସୀମାନ୍ତ ଅଞ୍ଚଳର ଛାତ୍ର ପ୍ରଥମ

**ପଡ଼ିଆ, ୨୯।୧୨(ଭାସ୍କର ରାଓ)**



ମାଲକାନଗିରି ଜିଲା ସୀମାନ୍ତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ୯ମ ଶ୍ରେଣୀ ଛାତ୍ର ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ପାଣି ପଞ୍ଚାୟତ ପକ୍ଷରୁ ଗତ ୨୭ ତାରିଖରେ ରାଜ୍ୟସ୍ତରୀୟ କୁଇଜ୍, ପ୍ରବନ୍ଧ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ଏଥିରେ ପଡିଆ ସଦର ମହକୁମାରେ ବସବାସ କରୁଥିବା ପାଗମାଲା ତ୍ରିନାଥଙ୍କ ପୁଅ ପି.ରୋହିତ ଭାଗ ନେଇଥିଲେ। ସେ କୁଇଜ୍ ପ୍ରତିଯୋଗିତାରେ ରାଜ୍ୟସ୍ତରରେ ପ୍ରଥମସ୍ଥାନ ଅଧିକାର କରିଛନ୍ତି । ସେ ବାପନପଲ୍ଲୀ ଆଦର୍ଶ ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢୁଛନ୍ତି। ରୋହିତ ଅଞ୍ଚଳ ତଥା ଜିଲା ପାଇଁ ଗୌରବ ଆଣି ଦେଇଥିବାରୁ ଶିକ୍ଷକଠାରୁ ଆରମ୍ଭକରି ଅଞ୍ଚଳବାସୀ, ପରିବାରବର୍ଗଙ୍କ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି। ଆସନ୍ତା ୫ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଗ୍ରାଉଣ୍ଡ ବରମୁଣ୍ଡାରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ଜଣାଯାଇଛି।

## ନେଟ୍‌ୱର୍କ ସମସ୍ୟାରୁ ଜଙ୍ଗଲରେ ହେଉଛି ଚକ୍ଷୁ ପରୀକ୍ଷା



ଜଙ୍ଗଲରେ ଚାଷୀଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି ।

**ମାଲକାନଗିରି, ୨୯।୧୨(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ଉଡୁପା ପଞ୍ଚାୟତ ସଦର ମହକୁମାରେ ଚଳିତ ଖରିଫ ଧାନ ସଂଗ୍ରହ ପାଇଁ ମାଲକାନଗିରି ଲ୍ୟାମ୍ପସକୁ ଦାୟିତ୍ୱ ଦିଆଯାଇଛି। ଏହି ମଣ୍ଡିରେ ସେହି ପଞ୍ଚାୟତର ୨୫୫ ଜଣ ଚାଷୀ ପୂର୍ବରୁ ନାମ ପଞ୍ଜୀକରଣ କରିଥିବା ବେଳେ ସପ୍ତାହର ଶନିବାର ଗୋଟିଏ ଦିନ ମଣ୍ଡିରୁ ୧୫୦୦ କୁଇଣ୍ଟାଲ ଧାନ ଖରିଦ କରାଯିବାର ବ୍ୟବସ୍ଥା ରହିଛି। ମଣ୍ଡି ନିକଟରେ ଚାଷୀମାନେ ଧାନ ବିକ୍ରି କରିବା ପୂର୍ବରୁ ସେମାନଙ୍କର ଚକ୍ଷୁ ପରୀକ୍ଷା କରାଯାଏ । କିନ୍ତୁ ନେଟ୍‌ୱର୍କ ସମସ୍ୟା ଯୋଗୁ ଚାଷୀମାନେ ବହୁ ସମୟ ଅପେକ୍ଷା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନ ଥିଲା। ଫଳରେ ଲ୍ୟାମ୍ପସ କର୍ତ୍ତୃପକ୍ଷ ନିକଟସ୍ଥ ଜଙ୍ଗଲରେ ଯେଉଁଠାରେ ନେଟ୍ ସଂଯୋଗ ହେଉଛି ସେଠାରେ ଚକ୍ଷୁ ପରୀକ୍ଷା କରାଯାଉଥିବା ଦେଖିବାକୁ ମିଳିଛି। ଏଥିପାଇଁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ମାଲକାନଗିରି ପୂର୍ବତନ ବ୍ଲକ ଅଧ୍ୟକ୍ଷା ସୁକାନ୍ତି ବୁରୁଦା କହିଛନ୍ତି, ଚାଷୀମାନଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ଏହି ଅଞ୍ଚଳରେ ତୁରନ୍ତ ନେଟ୍‌ୱର୍କ ବ୍ୟବସ୍ଥା କରିବା ପାଇଁ ବହୁପୂର୍ବରୁ ଦାବିହୋଇ ଆସୁଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ ସମ୍ଭବ ହୋଇ ନାହିଁ। ଯାହାଫଳରେ ଆଭ୍ୟନ୍ତରୀଣ ଅଞ୍ଚଳର ଚାଷୀମାନଙ୍କ ସହ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାପାଇଁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ମାଲକାନଗିରି ଲ୍ୟାମ୍ପସ ପରିଚାଳକ ଅଭିମନ୍ୟୁ ନାୟକ କହିଛନ୍ତି, ନେଟ୍ ସମସ୍ୟା ଘଟଣା ସତ୍ୟ । ଏ ସମ୍ବନ୍ଧରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିବା ସେ କହିଛନ୍ତି ।

### ସଂକ୍ଷେପରେ

## ୨ ଆଇଇଡି ବୋମା ନିଷ୍କ୍ରିୟ କଲେ ଯବାନ

**ମାଲକାନଗିରି, ୨୯।୧୨(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ ସୁକ୍‌ମା ଜିଲାରେ ଚାଲିଥିବା ମାଓବାଦୀ ଦମନ ଅଭିଯାନ ବେଳେ ସିଆର୍‌ପିଏଫ୍ ଯବାନଙ୍କ ଦ୍ୱାରା ରବିବାର ୨ ଆଇଇଡି ବୋମା ନିଷ୍କ୍ରିୟ କରାଯାଇଛି। ସୁକ୍‌ମା ଜିଲା ପୋଲମପାଲ୍ଲୀ ଅଞ୍ଚଳରେ ଯବାନମାନେ ମାଓବାଦୀ ଦମନ ପାଇଁ ତଲାସି କରୁଥିଲେ। ଏହି ସମୟରେ ଯବାନଙ୍କୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ପୂର୍ବରୁ ମାଓବାଦୀ ଖଞ୍ଜିଥିବା ୨ ଆଇଇଡି ବୋମା ଦର୍ନାପାଲରୁ ଜାଗରଗୁଣ୍ଡାକୁ ସଂଯୋଗ କରୁଥିବା ରାସ୍ତା ନିକଟରୁ ଜବତ କରାଯାଇଥିଲା। ଏହାର ଓଜନ ୨୦କି.ଗ୍ରା.।

## ଜଙ୍ଗଲରୁ ମହିଳାଙ୍କ ମୃତଦେହ ଜବତ

**ପଟ୍ଟାଙ୍ଗି, ୨୯।୧୨(ଶରତ ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗିବ୍ଲକ ଅନ୍ତର୍ଗତ ସମ୍ପାଇ ପଞ୍ଚାୟତର ଘାଟିଗୁଡା ପଣ୍ଡେଇ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଜଣେ ମହିଳାଙ୍କ ମୃତଦେହ ପଡ଼ିରହିଥିବା ବେଳେ ଏହାର କାରଣ ଅସ୍ପଷ୍ଟ ରହିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ନ ଥିବାରୁ ମହିଳାଙ୍କ ମୃତଦେହ ଉଠି ନ ଥିବା ଜଣାପଡିଛି। ସୂଚନାଯୋଗ୍ୟ, ଉକ୍ତ ଜଙ୍ଗଲରେ ମହିଳାଙ୍କ ମୃତଦେହ ପଡ଼ିଥିବା ନେଇ ପୋଲିସ ନିକଟକୁ ଖବର ଆସିଥିଲା। ଥାନାଧିକାରୀ ଚତୁର୍ଭୁଜ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ମୃତ୍ୟୁର ପ୍ରକୃତ କାରଣ ଖୋଜିଥିଲେ ମଧ୍ୟ କୌଣସି ତଥ୍ୟ ମିଳିନାହିଁ। ଏହା ଏକ ହତ୍ୟାକାଣ୍ଡ ବୋଲି ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ହେଉଥିବା ବେଳେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ ସୂଚନା ଦେଇଛି।

## କଲାଗୁଡା,ଉମ୍ପୁରି ଜଙ୍ଗଲରେ ଅବକାରୀ ଚଢ଼ାଉ

**ଜୟପୁର, ୨୯।୧୨(ପବନ ପାଣିଗ୍ରାହୀ)**

ଜୟପୁର ସଦର ଥାନା ଅନ୍ତର୍ଗତ କଲାଗୁଡା ଓ ଉମ୍ପୁରି ଜଙ୍ଗଲରେ ସଦର ପୋଲିସ, ସାଟେଲାଇଟ ୟୁନିଟ ଓ ଅବକାରୀ ଥାନା ପକ୍ଷରୁ ମିଳିତ ଚଢାଉ କରାଯାଇଛି। ମଦ ବ୍ୟବସାୟୀମାନେ ଚମ୍ପଟ ମାରିଥିବା ବେଳେ ଅବକାରୀ ବିଭାଗ ବହୁ ମଦ ଭାଟି ଭାଙ୍ଗିଛି। ସେମାନେ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ବେଳେ ସେଠାରୁ ୫ ହଜାର ଲିଟର ପୋଚ ଓ ୨ ଶହ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରାଯାଇଛି।

# ସରୁନି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା କାମ

**କୋରୁକୋଣ୍ଡା, ୨୯।୧୨(ଶିବଦତ୍ତ ସାହୁ)**



- **୫.୧୪୦ କି.ମି.ରାସ୍ତାରୁ ଶେଷ ହୋଇଛି ୩.୫୦୦କି.ମି.**
- **ଯାତାୟାତରେ ହନ୍ତସନ୍ତ ହେଉଛନ୍ତି ୨୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଡୁଡାମେଟା ପଞ୍ଚାୟତ କୋୟାଗୁଡାଠାରୁ ଡୁଟେଲଗୁଡାଦେଇ ଡୁଡାମେଟା ସଦର କେନାଲଛକକୁ ସଂଯୋଗ କରୁଥିବା ରାସ୍ତାଟି ବହୁ ଦିନଧରି ଅବହେଳିତ ହୋଇ ପଡିଥିଲା। ଏହା ଡୁଡାମେଟା ପଞ୍ଚାୟତର ବହୁ ଗ୍ରାମ ସମେତ ମରିୱାଡା ପଞ୍ଚାୟତର ସମସ୍ତ ଗ୍ରାମରୁ କୋରୁକୋଣ୍ଡା ବ୍ଲକ ସଦରକୁ ଯିବା ଆସିବା ପାଇଁ ମୁଖ୍ୟ ରାସ୍ତା। ୫.୧୪୦କି.ମି.ରାସ୍ତାରୁ ଶେଷ ହୋଇଛି ୩.୫୦୦କି.ମି. । ରାସ୍ତାଟି ୨୦୨୨–୨୩ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମାଲକାନଗିରି–୧ ମାଧ୍ୟମରେ ତାରା ପ୍ରସାଦ ମିଶ୍ର ନାମକ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ସୂଚନା ଫଳକ ଅନୁଯାୟୀ, ଉକ୍ତ ରାସ୍ତା କାମ ୧୨।୬।୨୨ରେ ଆରମ୍ଭ ହୋଇଥିଲା । ମୋଟ ୫.୧୪୦ କି.ମି ରାସ୍ତାରେ ୮ ଗୋଟି ଶଙ୍କ ସହ ପିଚୁ ରାସ୍ତା ସମେତ ସମସ୍ତ କାମ ୧୫।୩।୨୩ରେ ସାରିବାକୁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ବିଡମ୍ବନାର ବିଷୟ ଉକ୍ତ କାର୍ଯ୍ୟ ଶେଷ ଅବଧିଠାରୁ ପ୍ରାୟ ୧୮ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ଶେଷ ହେବାର ନାଁ ନେଉନି। ଏଣୁ ଉକ୍ତ ରାସ୍ତାଦେଇ ଯାତାୟାତ କରୁଥିବା ବହୁ ଗ୍ରାମବାସୀ ହନ୍ତସନ୍ତ ହୋଇ ବ୍ଲକ ସଦର ସହିତ ଜିଲା ମୁଖ୍ୟାଳୟକୁ ଯିବା ଆସିବା କରୁଛନ୍ତି ।

ଏନେଇ ଡୁଡାମେଟା ସରପଞ୍ଚ ମାଧବ ମାଡିଙ୍କ ସମେତ ଡୁଡାମେଟା,ଡୁଟେଲଗୁଡା ଏବଂ କୋୟାଗୁଡା ଗ୍ରାମବାସୀ ୩ ମାସ ପୂର୍ବେ ବ୍ଲକରେ ହୋଇଥିବା ଜନଶୁଣାଣିରେ ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରିବା ସହିତ ଉକ୍ତ ରାସ୍ତା କାମ ଶୀଘ୍ର ସାରିବାକୁ ନିବେଦନ କରିଥିଲେ ବୋଲି ସରପଞ୍ଚ ମାଡି କହିଛନ୍ତି। ଏନେଇ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମାଲକାନଗିରି–୧ ଏସ୍‌ଡିଓ ଭୋଳାନାଥ ସେଠୀଙ୍କୁ ପଚାରିବାରୁ ରାସ୍ତା କାମ ନିମ୍ନମାନର ହେଉଥିବା ନେଇ ପୂର୍ବରୁ ଅଭିଯୋଗ ଆସିଥିଲା । ଏଣୁ ଉକ୍ତ ରାସ୍ତାକୁ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଆସି ଅନୁଧ୍ୟାନ କରିଥିଲେ । ହେଲେ ବର୍ତ୍ତମାନ ସୁଦ୍ଧା କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ତରଫରୁ ଅନୁମତି ଆସି ନ ଥିବାରୁ କାମରେ ବିଳମ୍ବ ହେଉଛି । କିନ୍ତୁ ଜାନୁଆରୀ ସୁଦ୍ଧା କାମ ଶେଷ ହୋଇଯିବ ବୋଲି ସେଠୀ କହିଛନ୍ତି।

## କୋରାପୁଟର ସ୍ୱସ୍ତିକଙ୍କୁ ଜେମ୍ସ ଅଫ କ୍ରିକେଟ ଆୱାର୍ଡ

**କୋରାପୁଟ, ୨୯।୧୨(ଅମିତାଭ ବେହେରା)**



କୋରାପୁଟର ସ୍ୱସ୍ତିକ ସାମଲ ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଜେମ୍ସ ଅଫ କ୍ରିକେଟ ଆୱାର୍ଡ–୨୦୨୪ ପାଇଁ ମନୋନୀତ ହୋଇଥିବା ଜଣାପଡ଼ିଛି। ଡିସେମ୍ବର ୩୧ରେ କଟକସ୍ଥିତ ବାରବାଟି ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଦାନ କରାଯିବ ବୋଲି ଓସିଏର ସମ୍ପାଦକ ସଞ୍ଜୟ ବେହେରା ସୂଚନା ଦେଇଛନ୍ତି। କ୍ରିକେଟରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଓଡ଼ିଶାର ବରିଷ୍ଠ କ୍ରିକେଟର ବିଭାଗରେ ସ୍ୱସ୍ତିକଙ୍କୁ ଚଳିତ ୨୦୨୪–୨୫ ବର୍ଷ ନିମନ୍ତେ ଜେମ୍ସ ଅଫ କ୍ରିକେଟ ଆୱାର୍ଡ ପ୍ରଦାନ କରାଯିବ। ଜାତୀୟସ୍ତରୀୟ କ୍ରିକେଟରେ ରାଜ୍ୟର ଗର୍ବ ଭାବେ ସ୍ୱସ୍ତିକ ସାମଲଙ୍କୁ ଏହି ପୁରସ୍କାର ପାଇଁ ମୋନନୀତ କରାଯାଇଛି। କୋରାପୁଟ ସହରର ପୁଜାରିପୁଟ ବାସିନ୍ଦା ପୀୟୁଷ ପ୍ରକାଶ ସାମଲଙ୍କ ପୁଅ ଓ ଅବସରପ୍ରାପ୍ତ ପ୍ରଧାପକ ଡ.ଜଗବନ୍ଧୁ ସାମଲଙ୍କ ନାତି ସ୍ୱସ୍ତିକ ଓଡ଼ିଶାର ଜଣେ ସଫଳ କ୍ରିକେଟର ଭାବେ ସୁନାମ ଆଣିଛନ୍ତି। ନଭେମ୍ବର ୧୪ରେ କଟକ ବାରବାଟି ଷ୍ଟାଡିୟମରେ ରଣଜୀ ଟ୍ରଫିରେ ଓଡ଼ିଶା ପକ୍ଷରୁ ମହାରାଷ୍ଟ୍ର ବିପକ୍ଷରେ ୨ଟି ଛକା ଓ ୯ ଟି ଚୌକା ସହ ୧୧୮ ରନ କରିଥିଲେ।

## ଜୟପୁର ସହରରେ ପାନୀୟ ଯୋଗାଣ ବନ୍ଦ ଉପର କୋଲାବ ମରାମତି କାର୍ଯ୍ୟ ଜାରି

**ଜୟପୁର, ୨୯।୧୨(ପବନ ପାଣିଗ୍ରାହୀ)**

ଜୟପୁର ସହରରେ ଉପର କୋଲାବ ପ୍ରୋଜେକ୍ଟରେ ମରାମତି ଚାଲିଥିବାରୁ ପାନୀୟ ଜଳ ଯୋଗାଣ ଠପ୍ ହୋଇଯାଇଛି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨ ଗାଡି ମାଧ୍ୟମରେ ସହରର ବିଭିନ୍ନ ୱାର୍ଡକୁ ଜଳ ଯୋଗାଣ କରାଯାଉଛି। ଜୟପୁର ସହରକୁ ପାନୀୟ ଜଳ ଯୋଗାଣରେ ଉପର କୋଲାବ ଜଳସେଚନ ପ୍ରକଳ୍ପ ଏବଂ ଓଏଚ୍‌ପିସି ପକ୍ଷରୁ ବିଦ୍ୟୁତ୍ ଉତ୍ପାଦନ ପାଇଁ ବ୍ୟବହାର କରାଯାଉଥିବା ପାଣିକୁ ସତୀନଦୀକୁ କେନାଲ ମାଧ୍ୟମରେ ଛଡାଯାଉଛି। ମରାମତି କାର୍ଯ୍ୟ ଜାରି ଥିବାରୁ ବିଦ୍ୟୁତ ଉତ୍ପାଦନ ବନ୍ଦ ରହିଥିବାରୁ ପାନୀୟ ଯୋଗାଣ ହୋଇପାରୁନାହିଁ। ଜୟପୁର ସହରର ପାୱାର ହାଉସ, ଡଙ୍ଗାଗୁଡା, ଦାସ ସାହି,ପରିଚ୍ଛା ସାହି, ପାଇକ ସାହି,ମାଦଳା ସାହି, ସୂର୍ଯ୍ୟମହଲ, ରାଜୁସାହି, ଧୋବା ସାହି ଓ ଜୟନଗର ଅଞ୍ଚଳରେ ପାଣି ଗାଡି ବୁଲି ଲୋକଙ୍କୁ ପାଣି ଯୋଗାଉଛି।

## ଟ୍ୟୁଶନ ଯାଇ ୩ ନାବାଳକ ନିଖୋଜ

**ପଟ୍ଟାଙ୍ଗି, ୨୯।୧୨(ଶରତ ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ସଦର ମହକୁମାର ନବମ ଶ୍ରେଣୀରେ ପଢୁଥିବା ୩ ନାବାଳକ ଶନିବାର ଟ୍ୟୁଶନ ଯାଇ ଘରକୁ ଫେରି ନ ଥିବା ବେଳେ ପରିବାର ସଦସ୍ୟ ଚିନ୍ତାରେ ରହିଛନ୍ତି। ସେମାନେ ହେଲେ ସଦର ମହକୁମାସ୍ଥିତ ବଡଗାଁ ଗ୍ରାମର ନଟ ନାରାଜୀଙ୍କ ପୁଅ ପ୍ରଦ୍ୟୁମ୍ନ ନାରାଜୀ, ଗୌରୀ ପାଲିଙ୍କ ପୁଅ ଅରୁଣ ପାଲି ଏବଂ କେ. ରଞ୍ଜନ(ମଣ୍ଟୁ)ଙ୍କ ପୁଅ କେ.ସୁନୀଲ। ଏ ନେଇ ପଟ୍ଟାଙ୍ଗି ଥାନାରେ ପରିବାର ପକ୍ଷରୁ ରବିବାର ଲିଖିତ ଅଭିଯୋଗ କରାଯାଇଥିବା ବେଳେ ପୋଲିସ ଏକ ନିର୍ଦ୍ଦିଷ୍ଟ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ୩ ନାବାଳକ ଟ୍ୟୁଶନ ଯାଇ ଘରକୁ ଫେରି ନ ଥିବା ବେଳେ ପରିବାର ପକ୍ଷରୁ ଖୋଜାଖୋଜି କରାଯାଇଥିଲା। କିନ୍ତୁ ସେମାନଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ୩ ପରିବାର ସଦସ୍ୟ ଲିଖିତ ଅଭିଯୋଗ କରିଥିଲେ। ଯାହାକୁ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ୩ ନାବାଳକ ହାଇଦ୍ରାବାଦ ଚାଲିଯାଇଥିବା ଖବର ରହିଛି। ପରିବାର ସଦସ୍ୟ ହାଇଦ୍ରାବାଦ ଯାଇଥିବା ଜଣାପଡ଼ିଛି। ୩ ନାବାଳକ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଯିବା ନେଇ ପୋଲିସ ପାଇଁ ଚିନ୍ତା ବଢ଼ାଇଛି। ସେମାନେ ଫେରିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ପୋଲିସ ପ୍ରକାଶ କରିଛି।

## ଆମ ପୋଲିସ ସମିତି ବୈଠକ



**ଜୟପୁର, ୨୯।୧୨(ପବନ ପାଣିଗ୍ରାହୀ)**

ଜୟପୁର ସଦର ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି, ଟାଉନ ଥାନା ରମଣି ରଞ୍ଜନ ଦଳେଇ, ଅମ୍ବାଗୁଡା ଫାଣ୍ଡି ଅଧିକାରୀ ମନୁଆ ବିଡିକା, ଗାଗନାପୁର ଫାଣ୍ଡି ଅଧିକାରୀ ରାଜକିଶୋର ବାରିକ ଓ ବାରିଣିପୁଟ ଫାଣ୍ଡି ଅଧିକାରୀ କାମେଶ୍ୱର ବିଷୋୟୀ ଉପସ୍ଥିତ ଥିଲେ। ସାଇବର କ୍ରାଇମ, ଟ୍ରାଫିକ ସମସ୍ୟା, ଗ୍ରାମାଞ୍ଚଳରେ ମଦ କାରବାରକୁ ରୋକିବା, ନାବାଳକମାନେ ବାଇକ ଚଲାଇବା ଉପରେ ରୋକ ଲଗାଇବା, ଦ୍ରୁତ ଗତିରେ ବାଇକ୍ ଚଳାଉଥିବା ଚାଳକ ଉପରେ କାର୍ଯ୍ୟାନୁଷ୍ଠାନ, ଚୋରି, ଲୁଟ ଓ ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ସଚେତନ ହେବା ନେଇ ଆଲୋଚନା କରାଯାଇଥିଲା। ନବବର୍ଷ ଆସୁଥିବାରୁ ମଦ୍ୟପାନ କରି ଗାଡି ନ ଚଲାଇବା ଓ କୋରାପୁଟରେ ଥିବା ସାଇବର ପୋଲିସ ଥାନାକୁ ଜୟପୁରରେ ପ୍ରତିଷ୍ଠା କରିବାକୁ ଦାବି କରିଥିଲେ। ଅଜଣା କଲ୍ ଆସିଲେ କୌଣସି ଗୁରୁତ୍ୱପୂର୍ଣ୍ଣ ନମ୍ବର ନ ଦେବା, ଓଟିପି ନମ୍ବର କାହାକୁ ନ ଦେବା ଓ ଅପରିଚିତଙ୍କ ଫୋନ କଲ୍ ରିସିଭ ନ କରିବାକୁ ପୋଲିସ ପକ୍ଷରୁ ସଚେତନତା କରାଯାଇଥିଲା। ସଦର ଅଞ୍ଚଳର ବୁଦ୍ଧିଜୀବିମାନେ ବ୍ୟାଙ୍କଗୁଡ଼ିକରେ ବରିଷ୍ଠ ନାଗରିକମାନଙ୍କୁ ଗୁରୁତ୍ୱ ଦିଆଯିବା, ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉମ୍ପୁରି ଅଞ୍ଚଳର ଶିକ୍ଷିତ ଯୁବକମାନଙ୍କୁ ନିଯୁକ୍ତି ଦେବାକୁ କହିଥିଲେ।

## ସ୍କଲାରଶିପ୍ ପୋର୍ଟାଲ ତାଲିକାରୁ ବାଦ୍ ପଡ଼ିଛନ୍ତି ଦୁରୁଆ ସମ୍ପ୍ରଦାୟ

**ବୈପାରୀଗୁଡା, ୨୯।୧୨(କଳ୍ପତରୁ ମହାନ୍ତି)**

**ଧାରୁଆ,ଧୁରୁବା ଚୟନ କରୁଛନ୍ତି ଛାତ୍ରୀଛାତ୍ର**

ଆଦିବାସୀ ମାନ୍ୟତା ପାଇଁ ଦୀର୍ଘ ବର୍ଷ ଲଢେଇ କରିବା ପରେ ୨୦୨୩ରେ ଦୁରୁଆ ସମ୍ପ୍ରଦାୟ ଲୋକଙ୍କୁ ଆଦିବାସୀ ମାନ୍ୟତା ମିଳିଥିଲେ ମଧ୍ୟ ପୋଷ୍ଟ ମ୍ୟାଟ୍ରିକ ସ୍କଲାରଶିପ୍ ପୋର୍ଟାଲ ତାଲିକାରେ ସେମାନେ ବାଦ୍ ପଡ଼ିଛନ୍ତି। ପୋର୍ଟାଲରେ ଟ୍ରାଇବାଲ ନାମ ତାଲିକାରେ ଦୁରୁଆ ନ ଥିବା ବେଳେ ଧାରୁଆ ଓ ଧୁରୁବା ଆଦି ରହିଛି। ଯାହା ଅନ୍ୟ ସମ୍ପ୍ରଦାୟକୁ ବୁଝାଉଛି। ଛାତ୍ରୀଛାତ୍ର ବାଧ ହୋଇ ଧୁରୁବା ଅଥବା ଧାରୁଆକୁ ଚୟନ କରୁଥିବା ବେଳେ ସେମାନଙ୍କ ଜାତି ପ୍ରମାଣପତ୍ରରେ ଥିବା ଦୁରୁଆ ସହ ଟାଲି ହେଉନାହିଁ। ଫଳରେ ସେମାନଙ୍କୁ ସ୍କଲାରଶିପ୍ ମିଳିବାରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ମାନ୍ୟତା ପାଇବା ପରେ ଶିକ୍ଷା ଓ ଅନ୍ୟ କ୍ଷେତ୍ରରେ ଦୁରୁଆ ସମ୍ପ୍ରଦାୟ ଲୋକେ ସରକାରୀ ପ୍ରୋତ୍ସାହନ ପାଇବାର ଆଶା ଉଜ୍ଜୀବିତ ହୋଇଥିଲା। କିନ୍ତୁ ଚଳିତବର୍ଷ ପୋଷ୍ଟ ମ୍ୟାଟ୍ରିକ ସ୍କଲାରଶିପ୍‌ରେ କଲ୍ୟାଣ ବିଭାଗ ପକ୍ଷରୁ ଅନ୍‌ଲାଇନ୍‌ରେ ଆବେଦନ ପତ୍ର ଗ୍ରହଣ କରାଯାଉଥିବା ବେଳେ ଦୁରୁଆ ସମ୍ପ୍ରଦାୟ ଛାତ୍ରୀଛାତ୍ର ଏଥିପାଇଁ ଯୋଗ୍ୟ ହେବେ କି ନାହିଁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ପୋଷ୍ଟ ମାଟ୍ରିକ୍ ସ୍କଲାରଶିପ୍‌ରେ ଏସ୍‌ଟି,ଏସ୍‌ସି ଓ ଫ୍ୟାମିଲ ୱେଲଫେୟାର ବିଭାଗ ପକ୍ଷରୁ ପ୍ରତିବର୍ଷ ଆବେଦନପତ୍ର ଅନ୍‌ଲାଇନ୍ ମାଧ୍ୟମରେ ଗ୍ରହଣ କରାଯାଉଥିବା ବେଳେ ହିତାଧିକାରୀଙ୍କୁ ଜାତି ସାର୍ଟିଫିକେଟ୍ ଦେବାକୁ ପଡେ। ଦୁରୁଆ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ମିଳିବା ନେଇ ଗେଜେଟ୍ ନୋଟିଫିକେସନ୍ ପରେ ଗତ ବର୍ଷ ଅକ୍ଟୋବରରୁ ଜାତି ପ୍ରମାଣପତ୍ର ତହସିଲଦାର ଯୋଗାଇ ଆସୁଛନ୍ତି। ଅନେକ ଛାତ୍ରୀଛାତ୍ର ଜାତି ସାର୍ଟିଫିକେଟ୍ ପାଇବା ପରେ ସରକାରୀ ସୁବିଧା ପାଇବା ନେଇ ଆଶା ରଖିଛନ୍ତି। କିନ୍ତୁ ସ୍କଲାରଶିପ୍ ପୋର୍ଟାଲ ତାଲିକାରେ ଦୁରୁଆ ବାଦ୍ ପଡିବା ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏ ସମ୍ପର୍କରେ କୋରାପୁଟ ଜିଲା ମଙ୍ଗଳ ଅଧିକାରୀ ସୁନୀଲ୍ ଟାଣ୍ଡିଙ୍କୁ ପଚାରିବାରୁ, ସେ ଏ ବିଷୟରେ ଅବଗତ ନ ଥିବା ସ୍ୱୀକାର କରିବା ସହ ଏ ନେଇ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି। ଦୁରୁଆ ସମ୍ପ୍ରଦାୟ କଳା ସଂସ୍କୃତିକୁ ବହୁ ପୂର୍ବରୁ ଆଦିବାସୀ ମାନ୍ୟତା ଦିଆଯାଇଛି। ଆଦିବାସୀ ତାଲିକାରୁ ବାଦ୍ ପଡ଼ିବା କାରଣରୁ ସେମାନେ ଶିକ୍ଷା ଓ ସାମାଜିକସ୍ତରରେ ପଛୁଆ ପଡିଯାଇଛନ୍ତି ବୋଲି ଅଭିଯୋଗ ହୋଇଛି।

## ବଢୁଛି ଟ୍ରାଫିକ ସମସ୍ୟା, ସମାଧାନ ଦାବି କରୁଛନ୍ତି ଲୋକେ

**ସୁନାବେଡା/ସେମିଳିଗୁଡା, ୨୯।୧୨ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)**



ସୁନାବେଡା ଓ ସେମିଳିଗୁଡ଼ା ସହରରେ ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଥିବା ଏହାର ସମାଧାନ ହେଉ ନ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପର୍ଯ୍ୟଟନ ଋତୁ ଚାଲିଥିବା ବେଳେ ଏଠାକୁ ରାଜ୍ୟ ତଥା ବାହାରୁ ଅନେକ ପର୍ଯ୍ୟଟକ ଆସୁଛନ୍ତି। ଟ୍ରାଫିକ ସମସ୍ୟାକୁ ନେଇ ଅସୁବିଧା ହେଉଥିବା ପର୍ଯ୍ୟଟକ ଅଭିଯୋଗ କରିଛନ୍ତି। ସହରରେ ଥିବା ମଲ୍‌ଗୁଡିକୁ ଆସୁଥିବା ଲୋକେ ରାସ୍ତା ଉପରେ ଗାଡି ରଖୁଥିବାରୁ ଏପରି ସମସ୍ୟା ସୃଷ୍ଟି ହେଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କିଛିଦିନ ତଳେ ଜିଲା ଓ ପୌର ପ୍ରଶାସନ ମଲ୍‌ଗୁଡିକ ସାମନାରେ ଗାଡ଼ି ନ ରଖିବାକୁ ନିୟମ ଜାରି କରିଥିଲେ। ଏଥିସହ ଆଇନ ଅମାନ୍ୟ କଲେ ଦଣ୍ଡ ବିଧାନର ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କୌଣସି ସମାଧାନ ହୋଇ ନ ଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ପୌର ପରିଷଦ ନିର୍ବାହୀ ଅଧିକାରୀ ନାରାୟଣ ନାୟକଙ୍କୁ ପଚାରିବାରୁ ରେଗୁଲାର ବେସିସ୍‌ରେ ଆମର ଗୋଟିଏ ଟିମ୍ କାମ କରୁଛନ୍ତି ତଥାପି ଆଗକୁ ପୁଣି ଥରେ ତହସିଲ, ପୋଲିସ ଓ ପୌର ୩ ବିଭାଗ ପକ୍ଷରୁ ଯୁଗ୍ମ ଚଢ଼ାଉ କରାଯାଇ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଅପର ପକ୍ଷରେ ସୁନାବେଡା ଏସ୍‌ଡିପିଓ ମନୋବ୍ରତା ଶତପଥୀଙ୍କୁ ପଚାରିବାରୁ ସେ ମଧ୍ୟ ଅନୁରୂପ ଭାବେ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

